# ସରିଲା ଅନ୍ତର୍ଜାତୀୟ ଯୁବ ପର୍ଯ୍ୟଟନ କର୍ମଶାଳା

**ସମ୍ବଲପୁର, ୨୦।୧୨(ସମିସ)**



ଡିସେମ୍ବର ୧୪ ରୁ ଆରମ୍ଭ ହୋଇ ୧୯ ତାରିଖ ଅପରାହ୍ନରେ ଅନ୍ତଃଜାତୀୟ ଯୁବ ପର୍ଯ୍ୟଟନ କର୍ମଶାଳା ଶେଷ ହୋଇଛି। ସ୍ଥାନୀୟ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରାଙ୍ଗଣରୁ ୨୩ଟି ରାଜ୍ୟ, ୩ଟି କେନ୍ଦ୍ର ଶାସିତ ଅଞ୍ଚଳ ଏବଂ ବିଦେଶରୁ କଳା ଓ ସଂସ୍କୃତି ସମ୍ପନ୍ନ ଯୁବା ପ୍ରତିନିଧି ଦଳ ୩୦୪ରୁ ଉର୍ଦ୍ଧ୍ୱ ଜୁହାର ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ସମାବେଶର ମୁଖ୍ୟ ବିଷୟବସ୍ତୁ ରହିଛି 'ପଶ୍ଚିମ ଓଡ଼ିଶାର ପର୍ଯ୍ୟଟନ ଓ ଏହାର ବିକାଶ'। ଶୋଭାଯାତ୍ରା ପରେ ସମସ୍ତ ପ୍ରତିନିଧି ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ଆଲୋଚନାଚକ୍ରରେ ଭାଗ ନେଇଥିଲେ।ସାମାଜିକ ଅନୁଷ୍ଠାନ ପ୍ରୋଜେକ୍ଟ ପଏଣ୍ଟ ଓ ବିଶ୍ୱ ଯୁବକ କେନ୍ଦ୍ର ମିଳିତ ସହଯୋଗରେ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି। ପ୍ରୋଜେକ୍ଟ ପଏଣ୍ଟର ଅଧକ୍ଷ ଡ ସଂଗ୍ରାମ କେଶରୀ ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମକୁ ବିଶ୍ୱ ଯୁବକ କେନ୍ଦ୍ରର ପରିଚାଳନା ମୁଖ୍ୟ ଉଦୟ ଶଙ୍କର ସିଂହ ଓ ରଣବୀର ସିଂହ ଆସି ସହଯୋଗ କରିଥିଲେ। କାର୍ଯ୍ୟକ୍ରମର ଆଲୋଚ୍ୟ ବିଷୟବସ୍ତୁ ଥିଲା 'ଯୁବକ ଏବଂ ପର୍ଯ୍ୟଟନର ବିକାଶ', ଯେଉଁଥିରେ ଖେଳକୁଦ, ଶିକ୍ଷା, କୌଶଳ ବିକାଶ, ସ୍ୱେଚ୍ଛାସେବା ଏବଂ ଯୁବା ସଂଗଠନ ସହିତ ପର୍ଯ୍ୟଟନର ସମ୍ପର୍କ ଥିବା ବେଳେ ଉକ୍ତ ସମାବେଶର କନଭେନୋର୍ ବିପିନ ମହାନ୍ତି ପରିଚାଳନା କରିଥିଲେ। ସନ୍ଧ୍ୟାରେ ବିଭିନ୍ନ ରାଜ୍ୟରୁ ଆସିଥିବା ପ୍ରତିନିଧିମାନେ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। ଶୁଭାରମ୍ଭ ସମାରୋହରେ ମୁଖ୍ୟ ଅତିଥି ଭାବରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇଥିଲେ। ତାଙ୍କ ସହିତ ସ୍ଥାନୀୟ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ବିଶ୍ୱବିଦ୍ୟାଳୟର କୁଳପତି ଏନ୍ ନାଗରାଜୁଙ୍କ ସମେତ ଅନେକ ଅତିଥି ଆସିଥିବା ସମସ୍ତ ପ୍ରତିନିଧିଙ୍କୁ ଉତ୍ସାହିତ କରିଥଲେ। ସମସ୍ତ ପର୍ଯ୍ୟଟକ ହୀରାକୁଦ, ଦେବ୍ରିଗଡ଼, ହୁମା, ସମଲେଇ, ଆଇଆଇଏମ୍ ସମ୍ବଲପୁର ଓ ଚାରପାଲି ଗାଁକୁ ସମ୍ବଲପୁରୀ ବସ୍ତ୍ର ପ୍ରସ୍ତୁତି ଦେଖିବାକୁ ଯାଇଥିଲେ। ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ଯଥା ଯୁବ ପର୍ଯ୍ୟଟନ, ବାଣିଜ୍ୟରେ ପର୍ଯ୍ୟଟନ, ଖାଦ୍ୟ ଓ ପୋଷାକ ଉପରେ ଆଲୋଚନା ହୋଇଥିଲା। ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ ମନୋଲୋଭା ହୋଇଥିଲା।

# ଚକ୍କର କାଟୁଛି ହେଲିକପ୍ଟର; ଗ୍ରାମବାସୀ ଭୟଭୀତ

**ଜମନକିରା, ୨୦।୧୨(ସମିସ):** ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକର କେନାଢ଼ୀପା, ଧୁଡିପାଲି, ଚକୁଳିଆବାହାଲ ପଞ୍ଚାୟତର ବିଭିନ୍ନ ଗାଁ ଉପରେ ୭ଦିନ ହେବ ଚକ୍କର କାଟୁଛି ହେଲକପ୍ଟର। ଯାହାକୁ ନେଇ ଅଞ୍ଚଳବାସୀ ଭୟଭିତ ଅବସ୍ଥାରେ ଅଛନ୍ତି। ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡ ଜମନକିରା ବ୍ଲକ ଅନ୍ତର୍ଗତ କେନାଢିପା, ଧୁଡିପାଲି, ଚକୁଳିଆବାହାଲ ପଞ୍ଚାୟତର ବିଭିନ୍ନ ଗାଆଁ ଉପରେ ୭ଦିନ ହେବ ଗୋଟିଏ ହେଲିକପ୍ଟର ଚକ୍କର କାଟୁଛି। ସୂଚନାରୁ ପ୍ରକାଶ ଯେ ଗୋଟିଏ ହେଲିକପ୍ଟରରୁ ଗୋଲାକାର ଆକାରର ଗୋଟିଏ ରିଂଗ ପରି ଦେଖାଯାଉଥିବା ଓ ତା ମଝିରେ କ୍ୟାମେରା ପରି ଜିନିଷ ଥାଇ ହେଲିକପ୍ଟର ଓହଳି ଥାଇ ଉପରୋକ୍ତ ଗ୍ରାମ ଉପରେ ଦିନକୁ ୬/୭ଥର ଚକ୍କର କାଟୁଥିବା ଦେଖାଯାଉଛି। କେଉଁଥିପାଇଁ ହେଲିକପ୍ଟର ଚକ୍କର କାଟୁଛି ପ୍ରଶାସନ ପାଖରେ ମଧ୍ୟ ସୂଚନା ନାହିଁ। ଏନେଇ କୁଚିଣ୍ଡା ଉପଜିଲ୍ଲାପାଳ ଗୌରବମୟ ପ୍ରଧାନ ଓ ଜମନକିରା ତହସିଲଦାର ହରେକୃଷ୍ଣ ବରିହାଙ୍କୁ ଯୋଗାଯୋଗ କରିଥିଲେ ସୁଦ୍ଧା ତାଙ୍କ ପାଖରେ କୌଣସି ସୂଚନା ନଥିବା ପ୍ରକାଶ କରନ୍ତି।



## ଗଙ୍ଗାଧର ସାହିତ୍ୟର ସାଂଗୀତିକତା

**ସମ୍ବଲପୁର, ୨୦।୧୨(ସମିସ):** ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧ ଶତବାର୍ଷିକୀ ପାଳନ ଅବସରରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଓ ସୂର ମନ୍ଦିରର ମିଳିତ ଆନୁକୂଲ୍ୟରେ 'ଗଙ୍ଗାଧର ସାହିତ୍ୟର ସାଂଗୀତିକତା'କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଫୁଲ୍ଲ ମିତ୍ରଙ୍କ ପରିଚାଳନାରେ ସମ୍ବଲପୁରର ପ୍ରତିଷ୍ଠିତ ଆକାଶବାଣୀ ଓ ଦୂରଦର୍ଶନ କଳାକାରଗଣ ଗଙ୍ଗାଧର ମେହେରଙ୍କ ରଚିତ କବିତା ଉପରେ ଆଧାରିତ ସଙ୍ଗୀତ ଗାନ କରିଥିଲେ। ପ୍ରାରମ୍ଭରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ଡଃ ଏନ.ନାଗାରାଜୁ କବି ଗଙ୍ଗାଧର ମେହେରଙ୍କ କାବ୍ୟ କବିତାର ବୈଶିଷ୍ଟ୍ୟ ସମ୍ପର୍କରେ କହିବା ସହିତ ସ୍ୱଭାବ କବିଙ୍କ ତିରୋଧାନ ଶତବାର୍ଷିକୀରେ ବିଶ୍ୱବିଦ୍ୟାଳୟ ପକ୍ଷରୁ କରାଯାଇଥିବା ବର୍ଷବ୍ୟାପୀ କାର୍ଯ୍ୟକ୍ରମ ବାବଦରେ ସୂଚନା ଦେଇଥିଲେ। ପଦ୍ମଲୋଚନ ଦାଶ, ଡ଼ ପ୍ରଦୀପ ପଣ୍ଡା, ଡ଼ ଶ୍ୟାମ ଭୋଇ, ଦୀପକ କୁମାର ପଣ୍ଡା, ସନ୍ତୋଷ କୁମାର ପିଙ୍ଗ ମଧ ଆଲୋଚନା କରିଥିଲେ। ପ୍ରଫୁଲ୍ଲ ମିତ୍ର ଗଙ୍ଗାଧର ସାହିତ୍ୟରେ କବି କଳ୍ପନା ଓ ଶବ୍ଦାବଳୀ ଅନୁଯାୟୀ ତାଳ, ଲୟ ଓ ସ୍ୱରର ମହତ୍ତ୍ୱ?, ରାଗ ରାଗିଣୀ ବାବଦରେ ଆଲୋଚନା କରିଥିଲେ। ଅଧାପକ ମୋହନ ସାହୁ ଏବଂ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ମୁଖ୍ୟ ଡ଼ ଲକ୍ଷ୍ମିପ୍ରିୟା ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କ୍ଷେତ୍ରମଣି ବିଭାର ଧନ୍ୟବାଦ ଅର୍ପଣ କରିଥିଲେ।

## ବରିଷ୍ଠ ନାଗରିକ ତୀର୍ଥଯାତ୍ରା ନେଇ ପ୍ରସ୍ତୁତି ବୈଠକ

**ସମ୍ବଲପୁର, ୨୦।୧୨(ସମିସ):** ସମ୍ବଲପୁରରେ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା ନେଇ ପ୍ରସ୍ତୁତି ବୈଠକ ଅତିରକ୍ତ ଜିଲ୍ଲାପାଳଙ୍କ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଜାମ୍ବର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ନୂଆଦିଲ୍ଲୀରେ ଜାରି କରାଯାଇଥିବା 'ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା' ଅନ୍ତର୍ଗତ ଏବେ ସମ୍ବଲପୁରରୁ ପୂର୍ଣ୍ଣ ଚାଲୁ ସମୟ ସୂଚୀ ସ୍ଥିର କରାଯାଇଛି। ୭ ଫେବ୍ରୁଆରୀରୁ ୧୨ ଫେବ୍ରୁଆରୀ ପର୍ଯ୍ୟନ୍ତ କୋଲକାତା-କାମାକ୍ଷା ଏବଂ ୨୯ ମାର୍ଚ୍ଚରୁ ୩ ଏପ୍ରିଲ ପର୍ଯ୍ୟନ୍ତ ଅଯୋଧା-ବାରଣାସୀ ଯାତ୍ରା ପାଇଁ ବିଶେଷ ପରିକଳ୍ପନା କରାଯାଇଛି। ସମ୍ବଲପୁରରୁ ୭୭୫ ଯାତ୍ରୀଙ୍କ ଯାତ୍ରା ପାଇଁ ଆଶ୍ରୟସ୍ଥଳର ବ୍ୟବସ୍ଥା କରାଯାଇଛି। ଏଥିରେ ସମସ୍ତ ଜିଲ୍ଲାର ତଥ୍ୟ ହେଉଛି, ସମ୍ବଲପୁର: ୮୯, ବରଗଡ଼: ୧୨୭, ଦେବଗଡ଼-୨୭, ଝାରସୁଗୁଡ଼ା-୫୦, ସୁନ୍ଦରଗଡ଼: ୧୮୦, ବଲାଙ୍ଗିର-୧୪୧, ସୁବର୍ଣ୍ଣପୁର- ୫୨, ଅନୁଗୁଳ-୧୦୯। ଉକ୍ତ ବୈଠକରେ ତୀର୍ଥ ଯାତ୍ରୀଙ୍କ ରହିବା ସ୍ଥାନ ଚୟନ, ଖାଇବା ବ୍ୟବସ୍ଥା, ତୀର୍ଥଯାତ୍ରୀଙ୍କ ପରିବହନ, ରେଳ ଷ୍ଟେସନରେ ଲଜିଷ୍ଟିକ୍ ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଡାକ୍ତରୀ ଯାଞ୍ଚ ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ର, ଉପଜିଲ୍ଲାପାଳ ଡ.ପୁଷ୍ପାଞ୍ଜଳି ପଣ୍ଡା, ଆରଟିଓ ସମ୍ବଲପୁର ରାମଦାସ ଟୁଡୁଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ବୈଠକକୁ ପର୍ଯ୍ୟଟନ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ଦଳେଇ ପରିଚାଳନା କରିଥିଲେ।

## ସମ୍ବଲପୁର କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ ଉତ୍ସବ




**ସମ୍ବଲପୁର, ୨୦।୧୨(ସମିସ):** ସମ୍ବଲପୁରସ୍ଥିତ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧ର ବାର୍ଷିକ ଉତ୍ସବ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରାଚାର୍ଯ୍ୟ ରଣରଞ୍ଜୟ ସିଂହ ସଭାପତିତ୍ୱ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ସମ୍ମାନିତ ଅତିଥି ଭାବେ ଏସ୍‌ଏମସି କମିଶନର ବେଦଭୂଷଣ ଯୋଗଦାନ କରିଥିଲେ। ବିଦ୍ୟାଳୟର ଉପପ୍ରାଚାର୍ଯ୍ୟ ବଳରାମ ମିଶ୍ର, ପ୍ରଧାନଶିକ୍ଷକ, ଚକ୍ରଧର ଦେହୁରୀ ଏବଂ ସମସ୍ତ ବରିଷ୍ଠ ଓ ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ବିଦ୍ୟାଳୟର ଇଂରାଜୀ ଶିକ୍ଷକ ପ୍ରମୋଦ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ପ୍ରଥମେ ଅତିଥିଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ପରେ ବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ପ୍ରାଚାର୍ଯ୍ୟ ରଣରଞ୍ଜୟ ସିଂହ ସ୍ୱାଗତ ଭାଷଣ ସହିତ ବିଦ୍ୟାଳୟର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ପରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟାକ୍ରମ ପରିବେଷଣ କରଯାଇଥିଲା। ଶେଷରେ ଉପପ୍ରାଚାର୍ଯ୍ୟ ବଳରାମ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସିଲିକନ୍ ଇନ୍‌ଷ୍ଟିଚ୍ୟୁଟ୍‌ରେ ସ୍ୱିପ୍ କାର୍ଯ୍ୟକ୍ରମ



**ସମ୍ବଲପୁର, ୨୦।୧୨(ସମିସ):** 'ସିଷ୍ଟମେଟିକ୍ ଭୋଟର ଶିକ୍ଷା ଓ ନିର୍ବାଚନ ଭାଗିଦାରୀ' କାର୍ଯ୍ୟକ୍ରମ ସିଲିକନ୍ ଇନ୍‌ଷ୍ଟିଚ୍ୟୁଟ୍‌ରେ ଅନୁଷ୍ଠିତ ହୋଇଯାଇଛି। ଉପରୋକ୍ତ କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ସଞ୍ଜୀବ ମେହେର, ଡେପୁଟି କଲେକ୍ଟର ଅଭିଷେକ କିଷାନ, ଆସିଷ୍ଟାଣ୍ଟ କଲେକ୍ଟର ସୁଶାନ୍ତ ନାୟକ, ସିଲିକନ୍ ଇନ୍‌ଷ୍ଟିଚ୍ୟୁଟ୍ ସମ୍ବଲପୁରର ଡିନ୍ ପ୍ରଫେସର ମିହୀର ହୋତା ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଉପରୋକ୍ତ ଅଧିବେଶନରେ ସ୍ୱିପ୍‌ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ, ହେକ୍ସା ଫ୍ରେମୱାର୍କ ଏବଂ ଆଇଏମଏଫ-ଇଇଇମଡେଲ, ଭୋଟର ପଞ୍ଜୀକରଣ ପ୍ରକ୍ରିୟା ଏବଂ ଯୁବକମାନଙ୍କ ମଧ୍ୟରେ ସଚେତନତା ଏବଂ ରଣନୀତିର କାର୍ଯ୍ୟକାରିତା ଉପରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରାୟ ୧୫୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ଥିଲେ।

## ହୀରାକୁଦ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

**ହୀରାକୁଦ, ୨୦।୧୨(ସମିସ):** ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ବିଧାୟକ ଜୟ ନାରାୟଣ ମିଶ୍ର ଯୋଗଦେଇ ଭାରତୀୟ ସଂସ୍କୃତିକୁ ଶିଶୁ ମନ୍ଦିର ଗୁରୁତ୍ୱ ପ୍ରଦାନ କରୁଥିବାରୁ ସେମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।ସମ୍ମାନିୟ ଅତିଥି ଭାବରେ ହୀରାକୁଦ କଲେଜର ଅଧକ୍ଷ ସୁମିତ୍ରା ପଣ୍ଡା ବିଦ୍ୟାଳୟ ପାଠପଢ଼ା ସହ ଶିଶୁର ବ୍ୟବହାରିକ ଦିଗପ୍ରତି ଗୁରୁତ୍ୱ ଦିଆଯାଉଛି ବୋଲି କହିଥିଲେ। ମୁଖ୍ୟବକ୍ତା ଶିଶୁମାନେ ନିଜ ପ୍ରାଚୀନ ସଂସ୍କୃତି ବିଷୟରେ ଜାଣିବା ଦରକାର ବୋଲି କହିଥିଲେ। ବିଦ୍ୟାଳୟର ସମ୍ପାଦକ ବ୍ରହ୍ମାନନ୍ଦ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନଆଚାର୍ଯ୍ୟ କୌଶିକ ଚୌଧୁରୀ ବାର୍ଷିକ ବିବରଣୀ ପାଠ କରିଥିଲେ। ସଭାପତି ଅଶୋକ କୁମାର ପଣ୍ଡା ଅଭିଭାଷଣ ପ୍ରଦାନ କରିଥିବା ବେଳେ ଯୁଗ୍ମ ସମ୍ପାଦକ ସୋମନାଥ ତରିଆ ଧନ୍ୟବାଦ ଅର୍ପଣ କରିଥିଲେ।ଉପସଭାପତି ହେମନ୍ତ ପଟେଲ, କୋଷାଧ୍ୟକ୍ଷ ଅଜିତ ସିଂହ, ସଦସ୍ୟା ଭବାନୀ ସିଂହ, ଅଞ୍ଜଳି ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ବର୍ଷ ନିଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ର ଆଦିତ୍ୟ ପାଣିଗ୍ରାହୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ସାଂସ୍କୃତିକ ପ୍ରମୁଖ ରାଜେନ୍ଦ୍ର ମଟାରୀ, ବୀରେନ୍ଦ୍ର ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ।ଗୁରୁମା ମୀନା ବାରିକଙ୍କ ସହ ଅନ୍ୟ ସମସ୍ତ ଗୁରୁଜୀ ଗୁରୁମା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




## ଶ୍ରୀଗଣେଶ ହାଇସ୍କୁଲର ବାର୍ଷିକ କ୍ରୀଡ଼ା

**ସମ୍ବଲପୁର, ୨୦।୧୨(ସମିସ):** ଧନୁପାଲିସ୍ଥିତ ଶ୍ରୀ ଗଣେଶ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଦିବସ ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ମଧୁସ୍ମିତା ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଜିଲ୍ଲା କ୍ରୀଡ଼ା ଅଧିକାରୀ ଉପେନ୍ଦ୍ର ଶତପଥୀ ଓ ସମ୍ମାନିତ ଅତିଥି ଭାବେ ହୀରାପ୍ରସ୍ଥ ସମ୍ପାଦକ ଦାମୋଦର କର ଓ ଅବସରପ୍ରାପ୍ତ ଖେଳ ଶିକ୍ଷକ ରମଣୀ ରଞ୍ଜନ ସାହୁ ଯୋଗଦାନ କରି କ୍ରୀଡ଼ାର ମହତ୍ୱ ଉପରେ ଆଲୋକପାତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ଅବସରପ୍ରାପ୍ତ ପ୍ରଧାପକ ଡ. ଯଦୁମଣି ରାଉତ ଓ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରାଜେନ୍ଦ୍ର ପଣ୍ଡା ଯୋଗଦାନ କରି କ୍ରୀଡ଼ା ତଥା ଯୋଗର ମହତ୍ୱ ବିଷୟରେ ବକ୍ତବ୍ୟ ରଖିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ଶ୍ରୀମତୀ ପ୍ରଭାତୀ ମିଶ୍ର ସଭାକୁ ପରିଚାଳନା କରିଥିଲେ। ଶ୍ରୀମତୀ ମିନାରାଣୀ ମଲ୍ଲିକ (ପିଇଟି) ଏବଂ ଅନ୍ୟାନ୍ୟ ଶିକ୍ଷକଶିକ୍ଷୟିତ୍ରୀଙ୍କ ସହଯୋଗରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ଖେଳ ପ୍ରତିଯୋଗିତା ହୋଇଥିଲା। ଶେଷରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ବଡ଼ରମା ଆଶ୍ରମ ବିଦ୍ୟାଳୟର ବାର୍ଷିକ ମହୋତ୍ସବ



**ଜମନକିରା, ୨୦।୧୨ (ସମିସ):** ବଡରମା ଆଶ୍ରମ ବିଦ୍ୟାଳୟର ବାର୍ଷିକ ମହୋତ୍ସବ ପାଳିତ ହୋଇ ଯାଇଛି। ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମ୍ବଲପୁର ଜିଲ୍ଲା ଶିକ୍ଷା ନିରୀକ୍ଷକ ନରେଶ କୁମାର ଖମାରି, ମୁଖ୍ୟ ବକ୍ତା ଭାବେ ଷଣ୍ଢପଥର ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜେନ୍ଦ୍ର କୁମାର ଜଗତ ଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷକ ସଂଘ ସଭାପତି ବୀରେନ୍ଦ୍ର କୁମାର ପଟେଲ, ବଂଜାରୀ ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ନୀଳମଣି ଝାଙ୍କର, ଜମନକିରା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦେବକୀ ନାଏକ, ଗ୍ରାମର ଭଦ୍ରବ୍ୟକ୍ତି ପ୍ରସନ୍ନ ପଟେଲ, ବଡ଼ରମା ପଞ୍ଚାୟତର ସମିତି ସଭ୍ୟ ଅଶୋକ ବାଘ, ଶିକ୍ଷା କମିଟିର ପ୍ରେସିଡେଣ୍ଟ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଜଗଦୀଶ ପାଣିଗ୍ରାହୀ ବିଦ୍ୟାଳୟର ବିବରଣୀ ପଠନ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ରାକ୍ଷୀ ପଟେଲ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅନ୍ୟ ଶିକ୍ଷୟିତ୍ରୀ ବେରିହା ଅତିଥି ପରିଚୟ ପ୍ରଦାନ କରିଥିଲେ।ଶିକ୍ଷକ ଆକାଶ ପଟେଲଙ୍କୁ ବିଦ୍ୟାଳୟର ଶ୍ରେଷ୍ଠ ଶିକ୍ଷକ ରୂପେ ପୁରସ୍କୃତ କରାଯାଇଥିବା ବେଳେ ସମସ୍ତ ଅନୁଚରଙ୍କୁ ସମ୍ମାନିତ କରାଯାଇଥିଲା।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



**ରେଢ଼ାଖୋଲ, ୨୦।୧୨(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହର ସୁଣ୍ଡିମୁଣ୍ଡାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ପରିଚାଳନା ପରିଷଦର ସଭାପତି ଗଣେଶ୍ୱର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ଉପଜିଲ୍ଲାପାଳ ରଶ୍ମିରଞ୍ଜନ ମହନ୍ତ, ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ଏନ୍ଏସି ଅଧକ୍ଷ ଶିବରାମ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଅତାବିରା ମହାବିଦ୍ୟାଳୟର ରାସାୟାନ ବିଜ୍ଞାନ ବିଭାଗ ଅଧାପକ ଡ଼ ବିଶ୍ୱରଞ୍ଜନ ପୂଜାରୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ବୀରବର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ଦୀନବନ୍ଧୁ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ ବିତରଣ କରିଥିଲେ। ଆଚାର୍ଯ୍ୟ ବିପିନ ପ୍ରଧାନ ମଞ୍ଚ ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ଉପଦେଷ୍ଟା ଯୁଧିଷ୍ଠିର ବେହେରା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଅନିତା ରଥ, ପଦ୍ମିନୀ ପ୍ରଧାନ ଗୁରୁଜୀ ଗୁରୁମା, କର୍ମଚାରୀ, ଅଭିଭାବକ ଏବଂ ପରିଚାଳନା ପରିଷଦର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ନାଟକ ଅଗ୍ନିଶିଖା ପରିବେଷଣ କରାଯାଇଥିଲା।

### ଓଡ଼ିଶା ସାମ୍ବାଦିକ ସଂଘ ନିର୍ବାଚନ

# ହିମାଂଶୁ ଜିଲ୍ଲା ସଭାପତି, ସରୋଜ ସାଧାରଣ ସମ୍ପାଦକ



**ସମ୍ବଲପୁର, ୨୦।୧୨(ସମିସ)**

ଓଡ଼ିଶା ସାମ୍ବାଦିକ ସଂଘ (ଓଜେୟୁ) ସମ୍ବଲପୁର ଜିଲ୍ଲା ଶାଖାର ବାର୍ଷିକ ସାଧାରଣ ପରିଷଦ ବୈଠକ ତଥା କର୍ମକର୍ତ୍ତା ନିର୍ବାଚନ ଶୁକ୍ରବାର ରେଙ୍ଗାଲି ନୂଆ ରମ୍ଭେଲାସ୍ଥିତ ମିଶ୍ର ଇଣ୍ଟରପ୍ରାଇଜେସ୍ ଫାର୍ମ ହାଉସରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସମ୍ବଲପୁର ଜିଲ୍ଲା ଶାଖାର ୯ ଗୋଟି ବ୍ଲକ ଶାଖାର ଶତାଧିକ ସାମ୍ବାଦିକ ଉପସ୍ଥିତ ଥିଲେ। ଓଡ଼ିଶା ସାମ୍ବାଦିକ ସଂଘ ସମ୍ବଲପୁର ଜିଲ୍ଲା ଶାଖାର ସଭାପତି ଭାବେ ହିମାଂଶୁ ଶେଖର ମିଶ୍ର ପୁଣିଥରେ ମନୋନୀତ ହୋଇଛନ୍ତି। କାର୍ଯ୍ୟକାରୀ ସଭାପତି ଭାବେ ସୁକାନ୍ତ କର ଏବଂ ଉପସଭାପତି ଭାବେ ନରେଶ ମାହାଣଓ, ଶିଶିର ସାହୁ, ପ୍ରଦୀପ ନାୟକ, ଏବଂ ସନ୍ତୋଷ ସାହୁ ଉପସଭାପତି ଭାବେ ମନୋନୀତ ହୋଇଥିବା ବେଳେ ଅଶୋକ ପଟେଲ, ଅଙ୍କିତ ସାହୁ, ଅମଳେନ୍ଦୁ ନାୟକ ଓ ବାଦଶାହା ଜୁସମନ ରାଣଓ ସହସମ୍ପାଦକ ଓ ବିରାଜ ମିଶ୍ର କୋଷାଧକ୍ଷ ହୋଇଛନ୍ତି। ସୁଧାଂଶୁ ଶେଖର ମହାରଣା, ସଞ୍ଜୟ ପାଗୋଡା, ମହାବୀର ସିଂହ ଦେଓ, ରବୀନ୍ଦ୍ର ନାଥ ପ୍ରଧାନ, ନବୀନ ଦାଶ, ଗୁଣମଣୀ ବିଶ୍ୱାଳ, ସତ୍ୟଜିତ ମହାପାତ୍ର ଓ ହରି ଶଙ୍କର ମିଶ୍ର କାର୍ଯ୍ୟକାରିଣୀ କମିଟି ସଭ୍ୟ ଭାବେ ମନୋନୀତ ହୋଇଛନ୍ତି। ସରୋଜ ସାହୁ ସାଧାରଣ ସମ୍ପାଦକ ଭାବେ ପୁନଶ୍ଚ ନିର୍ବାଚିତ ହୋଇଛନ୍ତି। ରେଙ୍ଗାଲିର ବରିଷ୍ଠ ଓକିଲ ଲଳିତ କୁମାର ଜେନା ନବାଚନ ପର୍ଯ୍ୟବେକ୍ଷକ ଭାବେ ଯୋଗଦାନ କରି ନିର୍ବାଚନ କାର୍ଯ୍ୟ ପରିଚାଳନା କରିଥିଲେ। ତାଙ୍କୁ ଉପଦେଷ୍ଟା ଦଳ ପଶ୍ଚିମ ଓଡ଼ିଶା ପ୍ରାନ୍ତୀୟ ସମ୍ପାଦକ ରମାକାନ୍ତ ବିଶ୍ୱାଳ, ରାଜ୍ୟ ଉପସଭାପତି ସୁଶାନ୍ତ ମହାପାତ୍ର, ବରିଷ୍ଠ ସାମ୍ବାଦିକ ସାଧବ ପ୍ରଧାନ, ସୁଧାଂଶୁ ଶେଖର ମହାରଣା, ଅଶୋକ ଗୁରୁ ପ୍ରମୁଖ ସହଯୋଗ କରିଥିଲେ। ସାଧାରଣ ପରିଷଦ ବୈଠକ ପ୍ରାରମ୍ଭରେ ମା' ସମଲେଶ୍ୱରୀଙ୍କ ଠାରେ ପ୍ରଦୀପ ପ୍ରଜ୍ୱଳନ ଏବଂ ଓଡ଼ିଶା ସାମ୍ବାଦିକ ସଂଘର ପ୍ରତିଷ୍ଠାତା ସଭାପତି ସ୍ୱର୍ଗତ ପ୍ରଭାତ ଦାଶଙ୍କ ଫଟୋ ଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଏହାପରେ ସାଧାରଣ ସମ୍ପାଦକ ସରୋଜ ସାହୁ ଅନୁଷ୍ଠାନର ବାର୍ଷିକ ବିବରଣୀ ପାଠ କରିଥିଲେ। ସାଧାରଣ ପରିଷଦ ସଭାରେ ଆଗାମୀ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରାଯାଇଥିଲା।




ଏକାଦଶାହ ଉପଲକ୍ଷେ

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନଚୈନଂ କ୍ଲେଦୟନ୍ତ୍ୟାପୋଃ ନ ଶୋଷୟତି ମାରୁତଃ॥

ତୁମର ଆକସ୍ମିକ ବିୟୋଗରେ ପରିବାରବର୍ଗ, ବନ୍ଧୁବାନ୍ଧବ ସମସ୍ତେ ଅତ୍ୟନ୍ତ ମର୍ମାହତ । ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ସ୍ୱ ଶଙ୍କର ପ୍ରସାଦ ନାୟକ

ଆବିର୍ଭାବ: ୨୬.୦୬.୧୯୪୬

ତିରୋଧାନ: ୧୧.୧୨.୨୦୨୪

॥ ଶୋକସନ୍ତପ୍ତ ପରିବାର ॥

କିରଣ କୁମାର ନାୟକ, କଲ୍ୟାଣ କୁମାର ନାୟକ, କଲ୍ଲୋକ କୁମାର ନାୟକ, କମଳେଶ କୁମାର ନାୟକ

ଶକ୍ତିନଗରପଡା, ଭବାନୀପାଟଣା

# ଶିଶୁ କିଶୋର ପତ୍ରିକାର 'ସୁବର୍ଣ୍ଣ ଦୀପ'ର ଧନୁଯାତ୍ରା ସଂଖ୍ୟା ଲୋକାର୍ପିତ

**ବରଗଡ଼, ୨୦।୧୨(ସମିସ):** ବରଗଡ଼ ରାଣା ପ୍ରତାପ ସ୍କୁଲରେ ଶୁକ୍ରବାର ଯୁଗୋପଯୋଗୀ ଶିଶୁ ସାହିତ୍ୟ ପତ୍ରିକା ସୁବର୍ଣ୍ଣ ଦୀପର ଧନୁଯାତ୍ରା ବିଶେଷାଙ୍କ ଲୋକାର୍ପିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଦୀପ କୁମାର ରଥଙ୍କ ଅଧ୍ୟକ୍ଷତା ଓ ସୁବର୍ଣ୍ଣ ଦୀପ ପତ୍ରିକାର ସଂପାଦକ ପ୍ରଦୀପ୍ତ ଭାନୁ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସମାରୋହରେ ଶିଶୁ ସାହିତ୍ୟକ ଗୋପୀନାଥ ଦଣ୍ଡସେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ରାଣା ପ୍ରତାପ ସ୍କୁଲର ପୁରାତନ ଛାତ୍ର ସଂସଦ ସମ୍ପାଦକ ସର୍ଦ୍ଦାର ପ୍ରିତମ



ସିଂ, ବିଶିଷ୍ଟ ସାହିତ୍ୟିକ ମନୋରଞ୍ଜନ ମେହେର, ଶିକ୍ଷୟିତ୍ରୀ ମୀନା ପଣ୍ଡା, ଶିକ୍ଷକ କେଦାରନାଥ ନେଗୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଶିଶୁ ସାହିତ୍ୟକ ଗୋପୀନାଥ ଦଣ୍ଡସେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଭାରତୀ ଶିଶୁ ସାହିତ୍ୟ ସଂସଦର ସଭାନେତ୍ରୀ ରେଣୁକା ଭୋଇ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ବରଗଡ଼ ଜିଲ୍ଲା ଚାଷୀଙ୍କ ଦୁଃଖ କହିଲେ ନ ସରେ

# କଟ୍‌ନି ଛଟ୍‌ନି ନ ହେଲେ ମଣ୍ଡିରୁ ଉଠୁନି ଧାନ

**ବରଗଡ଼,୨୦।୧୨(ସମିସ)**

ମଣ୍ଡିରେ ଚାଲିଛି ଦଲାଲରାଜ୍। ପ୍ରଶାସନ ସବୁ ଜାଣି ଅଜଣା ରହୁଛି। ଚାଷୀ କିପରି ଧାନ ବିକ୍ରିକରି ରବିଚାଷ ଆଡ଼କୁ ମନ ବଳାଇବେ , ସେଥିପାଇଁ ଲାଗିଥିବା ବେଳେ କଟନି ଛଟନି ସମସ୍ୟା ସେମାନଙ୍କ ବାଟ ଓଗାଳିଛି। ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଅନ୍ତର୍ଗତ ତେନ୍ତୁଲିଟିକ୍ରା ମାର୍କେଟ ୟାର୍ଡର ଚାଷୀମାନେ ଧାନ ବିକ୍ରି ସମସ୍ୟାକୁ ନେଇ ଆଜି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ସହ ସମସ୍ୟା ସଂପର୍କରେ ଆଲୋଚନା କରି ଏକ ଲିଖିତ ଅଭିଯୋଗ କରିଛନ୍ତି। ଏହି ମାର୍କେଡ ୟାର୍ଡରେ ଆଜି ପର୍ଯ୍ୟନ୍ତ ମୋଟ ୧୪ ହଜାର ପ୍ୟାକେଟ ଧାନ ପଡ଼ିରହିଛି। ଏହି ମଣ୍ଡି ପାଇଁ ୧୧ ଗୋଟି ମିଲକୁ



୧୩ ହଜାର କ୍ୱିଣ୍ଟାଲ ଧାନ ଉଠାଇବାର ଲକ୍ଷ୍ୟଧାର୍ଯ୍ୟ ରହିଛି। କିନ୍ତୁ ମଣ୍ଡି ଖୋଲିବାର ଗୋଟିଏ ମାସ ବିତିଯାଇଥିଲେ ସୁଦ୍ଧା ବର୍ତ୍ତମାନ ପର୍ଯ୍ୟନ୍ତ ମାତ୍ର ୪ ହଜାର କ୍ୱିଣ୍ଟାଲ ଧାନ ଉଠିଛି। ମିଲରୁ ଗାଡ଼ି ଆସୁନାହିଁ। ଦଲାଲମାନେ କହୁଛନ୍ତି ୨ ରୁ ୩ କେଜି କଟନି କଲେ ସବୁଧାନ ଉଠିବ ନ ହେଲେ ଧାନ ଉଠିବ ନାହିଁ। କିନ୍ତୁ ଚାଷୀମାନେ କଟନି ଛଟନିକୁ ବିରୋଧ କରି ଜିଦ୍ ଧରି ବସିଛନ୍ତି। ପ୍ରତ୍ୟେକ ମଣ୍ଡିରେ ଦଲାଲରାଜ୍ ଚାଲିଛି, ହେଲେ ପ୍ରଶାସନ ଆଖିକୁ ଦେଖାଯାଉନାହିଁ। ଏହି ମାର୍କେଟ ୟାର୍ଡର ଚାଷୀମାନେ ମିଲର ଓ ଦଲାଲମାନଙ୍କ ଲୁଟ୍ କୁ ପ୍ରଶ୍ରୟ ଦେଉନାହାନ୍ତି। ଏକଜୁଟ ହୋଇ ଲଢ଼େଇ କରି ଧାନ ବିକ୍ରିକରିବା ପାଇଁ ଅଣ୍ଟା ଭିଡିଛନ୍ତି। ଏପରି ଅଚଳାବସ୍ଥାକୁ ନେଇ ଅନେକ ଥର ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କୁ ଜଣାଇ କୌଣସି ସୁଫଳ ନ ମିଳିବାରୁ ଆଜି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜିଲ୍ଲାପାଳ ଧାନ ଉଠାଇବା ପାଇଁ ନିର୍ଭର ପ୍ରତିଶ୍ରୁତି ଦେଲା ପରେ ସେଠାରୁ ଫେରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜୟ କିସାନ ଆନ୍ଦୋଳନର ଜିଲ୍ଲା ସଭାପତି ସୁଶୀଲ କୁମାର ସାହୁ, ସାଧାରଣ ସମ୍ପାଦକ ହର ବଣିଆଁ, ଚାଷୀ କମିଟିର ଅଚ୍ୟୁତ କର୍ମୀ, ଭାସ୍କର ଦେହେରୀ, ତେଜରାଜ ଦନ୍ତା, ନରୋତ୍ତମ ମହାକୁଡ଼ ସାମିଲ ଥିଲେ।

# ଲକ୍ଷ୍ମୀବସ୍ କଣ୍ଡକ୍ଟରରୁ ଆଇଟିବିପି ଯବାନ ଘନଶ୍ୟାମ

**ମାଣ୍ଡୋସିଲ,୨୦। ୨୪(ସମିସ):** କଠିନ ପରିଶ୍ରମ ଓ ଦୃଢ଼ ଇଚ୍ଛାଶକ୍ତି ସହ ଯେ କୌଣସି କାମକୁ ହାତ ମାରିଲେ ତାହା ସୁନା ପାଲଟିଯାଏ। ଲୋକଙ୍କ ଭାଗ୍ୟ ବଦଳିଯାଏ। ଜଣେ ଗରିବ ଶ୍ରେଣୀର ଯୁବକ ଲକ୍ଷ୍ମୀବସ୍ କଣ୍ଡକ୍ଟର ଭାବେ କାମକରି ପରିବାର ଭରଣପୋଷଣ କରୁଥିଲା। ଆଜି ସେ କଣ୍ଡକ୍ଟରରୁ ଆଇଟିବିପି ଯବାନ ହୋଇ ଦେଶର ସୁରକ୍ଷା କରିବେ। ସେ ହେଉଛନ୍ତି ଜାମସେଠ ପଞ୍ଚାୟତ ଡୁଡୁକିଝରିଆ ଗାଁର ଘନଶ୍ୟାମ ଭୋଇ(୨୫)। ସକାଳୁ ସଞ୍ଜ ଯାଏଁ କଣ୍ଡକ୍ଟର କାମ କରି ଘରକୁ ଆସି ପଢ଼ାପଢ଼ି କରନ୍ତି ଓ ସକାଳେ ଶାରୀରିକ ପରୀକ୍ଷା ପାଇଁ ଅଭ୍ୟାସ କରନ୍ତି। ସେ ଗତ ଫେବୃଆରୀରେ ଲିଖିତ ପରୀକ୍ଷା ଦେଇ କୃତକାର୍ଯ୍ୟ ହେବା ପରେ ଅକ୍ଟୋବରରେ ଶାରୀରିକ ପରୀକ୍ଷାରେ ପାସ କରିଥିଲେ। ଚଳିତ ଡିସେମ୍ବର ୧୪ ରେ ବାହାରିଥିବା ପରୀକ୍ଷା ଫଳରେ ସେ ସଫଳ ହୋଇଛନ୍ତି। ଲକ୍ଷ୍ମୀ ବସରେ କଣ୍ଡକ୍ଟର ହେବା ପରେ ଦରମା ପଇସାରେ କିଛି ପଢ଼ାବହି କିଣିବା ସହ ଆଗକୁ ବଢ଼ିବାର ସେ ସୁଯୋଗ ପାଇଥିଲେ। ଏନେଇ ଘନଶ୍ୟାମ ପୂର୍ବତନ ରାଜ୍ୟ ସରକାରଙ୍କୁ ହୃଦୟରୁ ଧନ୍ୟବାଦ୍ ଜଣାଇଛନ୍ତି। ଯାହାଙ୍କ ପାଇଁ ଆଜି ଏକ ସରକାରୀ ଚାକିରି ପାଇଛନ୍ତି। ତାଙ୍କ ସଫଳତା ପରେ ଗାଁରେ ଖୁସିର ଲହରୀ ଖେଳିଯାଇଛି। ତାଙ୍କ ସାଙ୍ଗସାଥୀ ଶୁଭେଚ୍ଛା ଜଣାଇଛନ୍ତି।



# ଅମଲିପାଲି ସରକାରୀ ଉନ୍ନୀତ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଅତାବିରା,୨୦। ୧୨(ସମିସ):** ଶୁକ୍ରବାର ଅମଲିପାଲି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ 'ମହକ' ପାଳିତ ହୋଇଯାଇଛି। ସଭାରେ ସଭାପତି ଭାବେ ପ୍ରଧାନ ଶିକ୍ଷୟିତ୍ରୀ ପ୍ରବୀନା ସୁନା, ସମ୍ପାଦକ ଏସଏମସି ଅଧ୍ୟକ୍ଷ ଅଶୋକ କୁମାର ସାହୁ, ମୁଖ୍ୟ ଅତିଥିଭାବେ ଅତାବିରା ନିର୍ବାଚନମଣ୍ଡଳୀର ବିଧାୟକ ନିହାର ରଞ୍ଜନ ମହାନନ୍ଦ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ବିହାରୀ ବାଗ, ଅମଲିପାଲି ସରପଞ୍ଚ ସୁନନ୍ଦା ବିଶ୍ୱାଳ, ତେଜାଗୁଲା ହାଇସ୍କୁଲ୍ ଶିକ୍ଷକ ଚନ୍ଦ୍ରକାନ୍ତ ସାହୁ, ଅବସରପ୍ରାପ୍ତ ଶିକ୍ଷକ କର୍ଣ୍ଣ ପ୍ରଧାନ, ପୁରାତନ ଛାତ୍ର ରମାକାନ୍ତ ବିଶ୍ୱାଳ, ପ୍ରଦୀପ ମହାପାତ୍ର ଆଦି ଯୋଗ ଦେଇଥିଲେ। ଉତ୍ସବରେ ବିଗତ ଶିକ୍ଷାବର୍ଷ ୨୦୨୩-୨୪ ମାଧ୍ୟମିକ ପରୀକ୍ଷାରେ ବିଦ୍ୟାଳୟରେ ଟପ୍ପର ହୋଇଥିବା ଛାତ୍ରୀ ଦୀପ୍ତିମୟୀ ମାଝୀଙ୍କୁ ସମ୍ମାନିତ କରାଗଲା। ବାର୍ଷିକକ୍ରୀଡ଼ା ପ୍ରତିଯୋଗିତାରେ ବିଭିନ୍ନ ବିଭାଗରେ ଚାମ୍ପିଅନ୍ ହୋଇଥିବା ମହେଶ ଭୁଏ, ଶ୍ରୁତିମୟୀ ମାଝୀ, ମୌସମ ବାଗ, ଡୋଲେଶ୍ୱରୀ ରଣା, ଉତ୍କର୍ଷ ବିଶ୍ୱାଳ, ଅଙ୍କିତା କୁମ୍ଭାର, ଆଦର୍ଶ ଖଡ଼ିଆ, ସବ୍ୟା ବାଗ ଆଦିଙ୍କୁ ଟ୍ରଫି ପ୍ରଦାନ ସହ ସମ୍ମାନିତ କରାଗଲା। ଶିକ୍ଷକ ରବୀନ୍ଦ୍ରନାଥ ଭୋଇ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ଜିତୁ ମହାନନ୍ଦ, ଶିକ୍ଷୟିତ୍ରୀ ଗୀତା ପଧାନ ଏବଂ ଶିକ୍ଷକ ସଞ୍ଜୟ କୁମାର ଭୋଇ ପୁରସ୍କାର ବିତରଣରେ ସହଯୋଗ କରିଥିଲେ। ଶିକ୍ଷକ ରିକୁନାଥ ଦାସ ସଭା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ନୂଆଗଡ଼ ଶ୍ରୀକୃଷ୍ଣ ରାସଲୀଳା ଉଦ୍‌ଘାଟିତ



**ଭଟଲି, ୨୦।୧୨ (ସମିସ):** ରଙ୍ଗାରଙ୍ଗ ସାଂସ୍କୃତିକ ଶୋଭାଯାତ୍ରା ସହ ଭଟଲି ବ୍ଲକ ନୂଆଗଡ଼ ଶ୍ରୀକୃଷ୍ଣ ରାସଲୀଳା ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିବସରେ ମଥୁରା ନଗରୀର ମହାରାଜ ଉଗ୍ରସେନ ନଗର ଭ୍ରମଣ କରିଥିଲେ ଏବଂ ଏକମାତ୍ର କନ୍ୟା ଦେବକୀଙ୍କ ବିବାହ ଯୁବରାଜ ବସୁଦେବଙ୍କ ସହିତ ଅନୁଷ୍ଠିତ ହୋଇଛି। ଗୁରୁବାର ଏହି ଉତ୍ସବ ପାଳନ କମିଟିର ଆବାହକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସନ୍ଧ୍ୟାରେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ଯୋଗଦେଇ ମହୋତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ନୂଆଗଡ଼ସ୍ଥିତ କଲ୍ୟାଣ ମଣ୍ଡପଠାରୁ ଶୋଭାଯାତ୍ରା ବାହାରି ନଗର ପରିକ୍ରମା ସହ ମା' ଲେହେନିଶ୍ୱରୀ ମନ୍ଦିର, ଶିବ କାଲେଶ୍ୱରବାବା ମନ୍ଦିର ତଥା ଲକ୍ଷ୍ମୀ ନାରାୟଣ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ଶୋଭାଯାତ୍ରାଟି ରାଜଦରବାରରେ ପହଞ୍ଚିଥିଲା। ପରେ ବିଭିନ୍ନ ସାଂସ୍କୃତିକ ଦଳ ଅଂଶଗ୍ରହଣ କରି ନିଜ ନିଜର କଳା ପ୍ରଦର୍ଶନ କରିଥିଲେ। ଏହି ଶୋଭାଯାତ୍ରାରେ କୃଷ୍ଣଗୁରୁ ଦଳ, ବ୍ୟାଣ୍ଡପାର୍ଟି ସହ ଗ୍ରାମର ଶତାଧିକ ପୁରୁଷ ମହିଳା ସାମିଲ ହୋଇଥିଲେ। କମିଟି ସୂଚନା ମୁତାବକ କଂସ ଭୂମିକାରେ ଆଶାରାମ ଖମାରୀ ଅଭିନୟରେ ଅଂଶଗ୍ରହଣ କରିଛନ୍ତି।

## ■ ପଦ୍ମପୁର ଲୋକ ମହୋତ୍ସବର ତୃତୀୟ ସନ୍ଧ୍ୟା

# ଦର୍ଶକଙ୍କ ମନମୋହିଲା ସାଂସ୍କୃତିକ କାର୍ଯ୍ୟକ୍ରମ

**ପଦ୍ମପୁର, ୨୦।୧୨ (ସମିସ):** ପଦ୍ମପୁର ସ୍ଥାନୀୟ ଅଶୋକ ଖେଳ ପଡ଼ିଆ ଠାରେ ଟାଉନ କ୍ଲବ, ପଦ୍ମପୁର ତରଫରୁ ଆୟୋଜିତ ଚତୁର୍ଥ ପଦ୍ମପୁର ଲୋକ ମହୋତ୍ସବର ଆଜି ତୃତୀୟ ସନ୍ଧ୍ୟାରେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସାଂସ୍କୃତିକ ପର୍ବର ଶୁଭାରମ୍ଭ କରିଛନ୍ତି। କ୍ଲବର ସଭାପତି ପ୍ରୀତେଶ କୁମାର ବହିଦାର ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିବା ବେଳେ ଆବାହକ ଅଶୋକ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଥମେ ସମସ୍ତ ଅତିଥି ମା' ସାମଲେଶ୍ୱରୀ ଓ ବାବା ନୃସିଂହନାଥଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଦୀପ ପ୍ରଜ୍ୱଳନ କରିଥିଲେ। କଣ୍ଠଶିଳ୍ପୀ ଶକ୍ତି ସ୍ୱରୂପା ପଣ୍ଡା ପ୍ରଥମେ ଭଜନରୁ ସନ୍ଧ୍ୟା ଆରମ୍ଭ କରିଥିବା ବେଳେ ସ୍ଥାନୀୟ ଜେନିଥ ଲାୟନ୍ସ ଗୁରୁକୁଳର ଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ। ଅବସରପ୍ରାପ୍ତ ଅଧ୍ୟାପକ ତଥା ବରିଷ୍ଠ କଳାକାର କେଶରଞ୍ଜନ ପଧାନ ଏବଂ ନାଟ୍ୟକାର ଅଶୋକ କୁମାର ବହିଦାର ମଞ୍ଚ ସଂଯୋଜନା କରିଥିବା ବେଳେ ସଂକୃତିକା ପୁରୋହିତ, ଟ୍ୱିଙ୍କିଲ ପଧାନ, ସୁରଟ ଗୁରୁ ଓ ମନୀଷ ରଥ ମଞ୍ଚ ଉଦଘୋଷକ ଦାୟିତ୍ୱ ତୁଲାଇଥିଲେ। ତେବେ ସାଂସ୍କୃତିକ ପର୍ବ ପୂର୍ବରୁ ଆମ ସମ୍ବଲପୁରୀ ବାନ୍ଧ କଳା ଓ ପୋଷାକ କୁ ନେଇ ବିଶେଷ ଆକର୍ଷଣ ଭାବରେ ଏକ ର୍ୟାମ୍ପ ଶୋ ପ୍ରଥମ କରି ଆୟୋଜିତ ହୋଇଥିଲା। ସାଂସ୍କୃତିକ ପର୍ବରେ କଣ୍ଠଶିଳ୍ପୀ ସନ୍ଧ୍ୟାରାଣୀ ପାଟଯୋଷୀଙ୍କ ଦ୍ୱାରା ରସ ଜାମୁଡାଳି ସଂଗୀତ ପରିବେଷଣ ସହ ପୁରୀ ନୃସିଂହ ସାଂସ୍କୃତିକ ଅନୁଷ୍ଠାନ ନିଜର ପାରମ୍ପରିକ ଘଟନୃତ୍ୟ, ଚନ୍ଦ୍ରାବତୀ ମେହେର ବିଦ୍ୟାଳୟ ସାଂସ୍କୃତିକ ଦଳ, କଟକ ନଟରାଜ ନୃତ୍ୟ ବିଦ୍ୟାଳୟ ଅନୁଷ୍ଠାନର ଲାବନି, ଉପକାର କଳା ପରିଷଦ ବଲାଙ୍ଗିରର ଘୁଡକା ନାଚ, ଘେଁସ ସାଂସ୍କୃତିକ ଅନୁଷ୍ଠାନର ଦୁଲା ବିହା ନୃତ୍ୟ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପଶ୍ଚିମବଙ୍ଗର ପୁରୁଲିଆ ଛଉନୃତ୍ୟ ମଞ୍ଚରେ ଦର୍ଶକଙ୍କ ପାଇଁ ବିଶେଷ ଆକର୍ଷଣ ପାଲଟିଥିଲା। କଳା କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ବିଶ୍ରାମ ମେହେରଙ୍କୁ ମାନପତ୍ର ଓ ଉପଢ଼ୌକନ ସହ ସମ୍ମାନିତ କରାଯାଇଥିଲା। ସେହିପରି ମହୋତ୍ସବ କମିଟି ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ବରପାଲି ମହାବିଦ୍ୟାଳୟରେ କ୍ୟାରିୟର କାଉନ୍‌ସେଲିଂ

**ବରପାଲି,୨୦।୧୨ (ସମିସ):** ବରପାଲି ମହାବିଦ୍ୟାଳୟ ପରିସରରେ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ ଅଧ୍ୟକ୍ଷା ସୁଶ୍ରୀ ଜୟନ୍ତୀ ଦାଶ ଓ ଏନଏସଏସ୍ ପୋଗ୍ରାମ ଅଧିକାରୀ ତଥା କ୍ୟାରିୟର କାଉନସିଲିଂ ସେଲ୍ ସଂଯୋଜକ ଅଧ୍ୟାପକ ଭକ୍ତବନ୍ଧୁ ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ହୋଇଥିଲା। ମୁଖ୍ୟବକ୍ତା ଭାବରେ ଅରବିନ୍ଦ ସିଂ ରାଞ୍ଚି, ଝାରଖଣ୍ଡରୁ ଯୋଗଦେଇ ଯୁକ୍ତ ତିନି ପାଠ୍ୟକ୍ରମ ସରିଲା ପରେ ସରକାରୀ ଚାକିରି କ୍ଷେତ୍ରରେ ବ୍ୟାପକ ସୁଯୋଗ ଉପରେ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ ଦେଇଥିଲେ। ସହବକ୍ତା ଭାବରେ ତାପସ ମହାକୁଡ଼ ସମ୍ବଲପୁରରୁ ଯୋଗଦେଇ ଭାରତୀୟ ରେଳସେବା ଓ ବ୍ୟାଙ୍କିଙ୍ଗ କ୍ଷେତ୍ରରେ ଥିବା ଚାକିରି ସୁଯୋଗ ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ, ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଯୋଗଦେଇଥିଲେ। ଶେଷରେ ଅଧ୍ୟାପକ ଭକ୍ତବନ୍ଧୁ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।




# ଜାତୀୟ ଡୁମାଲ ମହୋତ୍ସବରେ ସାମ୍ବାଦିକ ଦୀପକ ଶର୍ମା ସମ୍ବର୍ଦ୍ଧିତ



**ବରଗଡ଼,୨୦। ୧୨(ସମିସ):** ମା' ମାହେଶ୍ୱରୀ ସଂସ୍କୃତି ପରିଷଦ ପକ୍ଷରୁ ବରଗଡ଼ ଟାଉନ ହଲଠାରେ ଶୁକ୍ରବାର ଜାତୀୟ ଡୁମାଲ ଦିବସ ପାଳିତ ହୋଇଯାଇଛି। ସର୍ବପ୍ରଥମେ ମା' ମାହେଶ୍ୱରୀଙ୍କ ପୂଜାର୍ଚ୍ଚନା ସହ କାର୍ଯ୍ୟକ୍ରମର ଆରମ୍ଭ ହୋଇଥିଲା । ମା' ବରୁଆ ବା ବେଜି ଦେହରେ ଆବିର୍ଭାବ ହୋଇ ପୂଜାସ୍ଥଳରୁ ମଞ୍ଚକୁ ଯାଇ ଭକ୍ତଜନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ମା' ମାହେଶ୍ୱରୀ ମନ୍ଦିର ହିରୋମୁଣ୍ଡାର ଦେହେରି ଓ ସେବାୟତମାନେ ମା'ଙ୍କ ପୂଜାର୍ଚ୍ଚନା ଦାୟିତ୍ୱ ତୁଲାଇଥିଲେ। ମା' ମାହେଶ୍ୱରୀ ସଂସ୍କୃତି ପରିଷଦ ଓଡ଼ିଶାର ସଭାପତି ହରିଶଙ୍କର ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବିଶିଷ୍ଟ ସିନେ ଅଭିନେତା, ନିର୍ଦ୍ଦେଶକ ତଥା ନାଟ୍ୟ ଭୂଷଣ ଜଗଦାନନ୍ଦ ଛୁରିଆ ମୁଖ୍ୟ ଅତିଥି,ସମ୍ମାନିତ ଅତିଥି ଭାବେ ଦେବାର୍ଚ୍ଚନ ଚଉଳିଆ, ସମ୍ପାଦକ କୃତୀବାସ ପଳିଆ,କୋଷାଧ୍ୟକ୍ଷ ମୁରଲୀ ପାତ୍ର,ବଲାଙ୍ଗୀର ଜିଲ୍ଲା ସଭାପତି ଲମ୍ବୋଦର ମହାକୁର,ଜୟ ମଙ୍ଗଳ ବିଶି, ଶମ୍ଭୁ ଗିରି ,ପାଣ୍ଡବ କର୍ଣ୍ଣ,ଫକୀର କର୍ଣ୍ଣ, ସନ୍ତୋଷିନୀ କର୍ଣ୍ଣ, ରାଜ୍ୟ ମହିଳା ସଭାନେତ୍ରୀ ହେମାବତି କର୍ଣ୍ଣ, ସନ୍ତୋଷିନୀ ଦନ୍ତା, ନରେନ୍ଦ୍ର ପ୍ରଧାନ,ବଳରାମ ଛନ୍ଦ,ପୁଷ୍ପାଞ୍ଜଳି କଳିତା,ଥବିର କର୍ମୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସାମ୍ବାଦିକତା କ୍ଷେତ୍ରରେ ଦୀପକ ଶର୍ମା, ଉମେଶ ବିଶ୍ୱାଳ, ଧ୍ରୁବ କର୍ମୀ, ମହେନ୍ଦ୍ର ସାହୁଙ୍କ ସହ ଚଳିତ ଓଏଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଅଭୟ ମହାକୁର, କ୍ରୀଡ଼ାବିତ୍ ସନ୍ତୋଷ ପ୍ରଧାନ,ଲେଖକ ପଦ୍ମନ କର୍ଣ୍ଣଙ୍କୁ ସମ୍ମାନିତ କରାଯାଇଥିଲା।

# ପଲ୍ଲିଶ୍ରୀ ମହାବିଦ୍ୟାଳୟରେ ଓଡ଼ିଆ ବିଭାଗର ଆଲୋଚନାଚକ୍ର




**ଭେଡ଼େନ ,୨୦।୧୨।(ସମିସ):** ଭେଡ଼େନ ବ୍ଲକ ପଲ୍ଲିଶ୍ରୀ ମହାବିଦ୍ୟାଳୟ ଚିଚିଣ୍ଡାରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଏକ ଅନୁଶୀଳନ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରରେ ଆଲୋଚକ ଭାବରେ ଧର୍ମଶାଳା ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ତଥା ଚଳଚିତ୍ର ଅଭିନେତା ଡ. ପୁରୋଷତ୍ତମ ମିଶ୍ର ଓ ଅତିଥି ଭାବରେ ଅବସରପ୍ରାପ୍ତ ଅଧ୍ୟାପକ ତଥା ବରିଷ୍ଠ ନାଟ୍ୟ ନର୍ଦ୍ଦେଶକ, ବେତାର କଳାକାର , ଅଭିନେତା, ଲେଖକ ଡ. ଦ୍ୱାରିକା ନାଥ ନାୟକ , ଅବସରପ୍ରାପ୍ତ ଅଧ୍ୟାପକ ତଥା ଅଭିନେତା , ବେତାର କଳାକାର ବୃନ୍ଦାବନ ବିହାରୀ ମିଶ୍ର ପ୍ରମୁଖ ଯୋଗଦାନ କରିଥିଲେ। କଲେଜର ପ୍ରାଧ୍ୟାପକ ରାମଚନ୍ଦ୍ର ସାହୁ ପୌରୋହିତ୍ୟ କରିଥିବା ବେଳେ ଅଧ୍ୟାପକ ସନ୍ତୋଷ ତ୍ରିପାଠୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ଶଶିକଳା ମିର୍ଦ୍ଧା ସଭା ପରିଚାଳନା ଓ ଅଧ୍ୟାପିକା ବର୍ଷା ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ବରପାଲି,୨୦।୧୨ (ସମିସ):** ବରପାଲି ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟ ତ୍ରିଦିବସୀୟ ବାର୍ଷିକ କ୍ରୀଡ଼ା ଉଦଘାଟିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ପଦ୍ମିନୀ ଦାଶଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତ୍ରିଦିବସୀୟ ଉତ୍ସବରେ ଅଧ୍ୟାପିକା ପୁନମ ସାହୁଙ୍କ ସଂଯୋଜନାରେ ସଭାକାର୍ଯ୍ୟ ପରିଚାଳିତ ହୋଇଥିଲା। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ନୌସେନା ଅଧିକାରୀ ପ୍ରଭାତ ରଞ୍ଜନ ମିଶ୍ର ଏବଂ ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟ ପ୍ରତିଷ୍ଠାତା ଅନ୍ତର୍ଯ୍ୟାମୀ ପଣ୍ଡା, ସମ୍ପୂର୍ଣ୍ଣ ଭୋଇ, ଅଧ୍ୟାପକ ସୁଧାଂଶୁ କୁମାର ଦାଶ ପ୍ରମୁଖ ଯୋଗ ଦେଇଥିଲେ। କ୍ରୀଡ଼ା ବିଭାଗ ଅଧ୍ୟାପକ ଲୋକନାଥ ମେହେର , ଅଧ୍ୟାପିକା ନିଳୀମା ନାୟକ,ପିଙ୍କି ବାରିକ,ଜ୍ୟୋତି ସାହୁ, ପରିଣୀତା ପଧାନ, ଅଧ୍ୟାପକ ଯତୀନ୍ଦ୍ର କୁମାର ସାହୁ,ନେପାଳ ବିଶ୍ୱାଳ,ସାର୍ଥକ ପାଣିଗ୍ରାହୀ, ଶଶାଙ୍କ ଶେଖର ପଧାନ,ସହକର୍ମୀ ବିରେନ୍ଦ୍ର ଖଟୁଆ, ନୃପରାଜ ବରିହା, ତ୍ରିପୁରା ବେହେରା ସାମିଲ ହୋଇଥିଲେ।

## ସମସ୍ୟା ଘେରରେ ଭେରୁଆମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

# ବର୍ଷେହେଲା ଅସମ୍ପୂର୍ଣ୍ଣ ସ୍କୁଲ ଘର ନିର୍ମାଣ

**ମଣ୍ଡୋସିଲ,୨୦।୧୨(ସମିସ)**

ପାଇକମାଳ ବ୍ଲକ ଜାମସେଠ ପଞ୍ଚାୟତ ଅଧୀନରେ ଥିବା ଭେରୁଆମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଠପଢ଼ା ଏବେ ସମସ୍ୟା ଭିତରେ ଚାଲୁଛି। ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୬୦ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ହେଲେ ଶ୍ରେଣୀ କୋଠରୀ ଅଭାବରୁ ୪ଟି କୋଠରିରେ ପାଠପଢ଼ା ଚାଲିଛି। ସବୁଦିନ ପ୍ରତି ଶ୍ରେଣୀ କୋଠରିରେ ଦୁଇଟି ଭିନ୍ନ ଶ୍ରେଣୀର ଛାତ୍ରଛାତ୍ରୀମାନେ ପାଠ ପଢୁଛନ୍ତି, ଯାହା ଶିକ୍ଷାଦାନ ଓ ଶିକ୍ଷଣୀୟ କ୍ଷେତ୍ରରେ ବାଧା ସୃଷ୍ଟି କରୁଛି। ଶ୍ରେଣୀ କୋଠରି ଅଭାବରୁ ଅତିରିକ୍ତ ଶ୍ରେଣୀ କୋଠରି ଏକବର୍ଷ ହେଲା ସମ୍ପୂର୍ଣ୍ଣ ହୋଇପାରୁନାହିଁ, ଯାହା ଠିକାଦାର କିମ୍ବା ପ୍ରଶାସନିକ ଅବହେଳାକୁ ଦର୍ଶାଉଛି। ଅପରପକ୍ଷରେ ୧୬୦ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ୫ ଜଣ ଶିକ୍ଷକ ଅଛନ୍ତି। ଛାତ୍ରୀଙ୍କ ପାଠ ପଢ଼ା ସହ ଅନ୍ୟାନ୍ୟ ସମସ୍ୟାମାନ ଆସିଲେ ସେଇଟା ବୁଝିବାକୁ କେହିନାହାନ୍ତି। ଏନେଇ ପରିଚାଳନା କମିଟି ତଥା ଗ୍ରାମବାସୀ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅଭିଯୋଗ କଲେ ବି ଜଣେ ଶିକ୍ଷୟିତ୍ରୀ ଦେଉନାହାନ୍ତି। ଖୁବଶୀଘ୍ର ଅତିରିକ୍ତ ଶ୍ରେଣୀ କୋଠରି ନିର୍ମାଣ ଶେଷ କରି ଜଣେ ଶିକ୍ଷୟିତ୍ରୀଙ୍କୁ ନିୟୋଜିତ ନକଲେ, ଆଗାମୀ ଦିନରେ ତାଲା ବନ୍ଦ କରି ଧାରଣାରେ ବସିବେ ବୋଲି ପରିଚାଳନା କମିଟି ଓ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

**୮ ଶ୍ରେଣୀକୁ ମାତ୍ର ୪ଟି କୋଠରି**
**୧୬୦ ଛାତ୍ରଛାତ୍ରୀଙ୍କ ପାଇଁ ୫ ଶିକ୍ଷକ**



SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ ସ୍କାନ କରନ୍ତୁ

**ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ (ଏସବିଆଇ) ରେ କ୍ଲରିକାଲ କ୍ୟାଡରରେ ଜୁନିଅର ଆସୋସିଏଟ୍‌ସ (ଗ୍ରାହକ ସହାୟତା ଏବଂ ସେଲସ) ର ନିଯୁକ୍ତି**

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ନିୟମିତ ଆଧାରରେ ଜୁନିଅର ଆସୋସିଏଟ୍‌ସ (ଗ୍ରାହକ ସହାୟତା ଏବଂ ସେଲ୍‌ସ) ଭାବରେ ନିଯୁକ୍ତି ପାଇଁ ଯୋଗ୍ୟ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନଗୁଡ଼ିକ ଆମନ୍ତ୍ରଣ କରାଯାଉଛି

ଖାଲି ପଦବୀ ସଂଖ୍ୟା:
ନିୟମିତ : 13735 + ବ୍ୟାକଲଗ୍ : 456

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଇତ୍ୟାଦି), ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ସହିତ ଅନଲାଇନ୍ ଆବେଦନ ଦାଖଲ ଓ ଆବେଦନ ଫିସ୍ର ଅନଲାଇନ୍ ଦେୟ ପାଇଁ ଲିଙ୍କ୍, ବ୍ୟାଙ୍କର ୱେବସାଇଟ https://bank.sbi/web/careers/current-openings ରେ ବିଜ୍ଞାପନ ନମ୍ବର CRPD/CR/2024-25/24 ଅଧୀନରେ ଉପଲବ୍ଧ । ପ୍ରାର୍ଥୀମାନେ ଆବେଦନ କରିବା ଏବଂ ଫିସ୍ ପଠାଇବା ପୂର୍ବରୁ ସେମାନଙ୍କର ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହୋଇ ସବିଶେଷ ବିଜ୍ଞାପନକୁ ଭଲ ଭାବେ ପଢ଼ିବା ପାଇଁ ପରାମର୍ଶ ଦିଆଯାଉଛି।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 17.12.2024 ରୁ 07.01.2025 ପର୍ଯ୍ୟନ୍ତ ।

ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ https://bank.sbi/web/careers/current-openings ରେ ଉପଲବ୍ଧ।

ସ୍ଥାନ: ମୁମ୍ବାଇ
ତାରିଖ: 17.12.2024
ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)

# ଘଣ୍ଟାପଡ଼ା ପାକ୍ସରେ ଧାନମଣ୍ଡିର ଶୁଭାରମ୍ଭ



**ଶଗଡ଼ା, ୨୦।୧୨(ସମିସ):** ଘଣ୍ଟାପଡ଼ା ପ୍ୟାକ୍ସ ଅଧୀନ ଘଣ୍ଟାପଡ଼ା ଓ ଆମ୍ବଗାଁରେ ଧାନମଣ୍ଡିର ଶୁଭାରମ୍ଭ ହୋଇଛି। ପ୍ୟାକ୍ସ ସମ୍ପାଦକ କର୍ଣ୍ଣ ରଣାଙ୍କ ତତ୍ତ୍ୱାବଧାନରେ ପ୍ୟାକ୍ସ ସଭାପତି ମାନୁ ରଣା ଉଦ୍‌ଘାଟନ କରିଥିଲେ। ପୁରୋହିତ ଗଜେନ୍ଦ୍ର ପାଣିଗ୍ରାହୀ ପୂଜାର୍ଚ୍ଚନା କରିଥିଲେ। ଘଣ୍ଟାପଡ଼ା ମଣ୍ଡିର ପରିଚାଳକ ନୋଡ଼ାଲ ଅଫିସର ଘଣ୍ଟାପଡ଼ା ପିଇଓ ଗୁରୁଚରଣ ସେଠୀ, ଆମ୍ବଗାଁ ମଣ୍ଡିର ନୋଡ଼ାଲ ଅଫିସର ଭିଏଡବ୍ଲୁ ବିଶିକେଶନ ରଣା ଓ ଆରଏମସି କର୍ମଚାରୀ ଶଶୀ ଭୂଷଣ ରଣାଙ୍କ ଉପସ୍ଥିତିରେ ଚାଷିନେତା ସୁଶାନ୍ତ ମାଝୀ, ଗୁଲୁ ମହାପାତ୍ର, ଚାଷୀ ସୁରୁ ସାହୁ, ଦେବାର୍ଚ୍ଚନ ରଣା, ହେମନ୍ତ ପୁଟେଲ, ପ୍ୟାକ୍ସର ନିର୍ଦ୍ଦେଶକ ଉଚ୍ଛେଇ ବାରିକ, ମାଧବ ଚରଣ ସାହୁ, ପୃଥିରାଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ୟାକ୍ସର ସହସମ୍ପାଦକ ଅଗସ୍ତି ମଲିକ କାର୍ଯ୍ୟକ୍ରମର ପରିଚାଳନା କରିଥଲେ। କର୍ମଚାରୀ ଡିଇଓ ରାଜା ଦେହୁରୀ, ଯୋଗିରାମ ରଣା ଓ ଶଙ୍କର ସାହୁ ସହଯୋଗ କରିଥିଲେ। ତେବେ ଖରାପ ପାଗ ଯୋଗୁଁ ଧାନକ୍ରୟ ହୋଇ ପାରି ନ ଥିବା ସହ ସମ୍ପାଦକ ଅଗସ୍ତୀ ମଲିକ ସୂଚନା ଦେଇଛନ୍ତି।

# କୋମନା ସ୍ୱାସ୍ଥ୍ୟ ସମସ୍ୟା ନେଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**ନୂଆପଡ଼ା, ୨୦।୧୨(ସମିସ):** ନୂଆପଡ଼ା ଜିଲ୍ଲା ଗସ୍ତରେ ଆସିଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗଙ୍କୁ ଭେଟି କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି କୋମନାବାସୀ। କୋମନା ବ୍ଲକ ଅଧ୍ୟକ୍ଷା ଅନୁସୂୟା କୁମ୍ଭାରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ନୂଆପଡ଼ା ସର୍କିଟ ହାଉସରେ



କୋମନା ବ୍ଲକ ତଥା କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଶେଷଜ୍ଞ ଡାକ୍ତର, ଟେକ୍ନିକାଲ ଷ୍ଟାଫ୍, ନର୍ସ ଷ୍ଟାଫ୍, କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପାଚେରି ନିର୍ମାଣ ଆଦି ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। କୋମନା ବ୍ଲକ ଅଧ୍ୟକ୍ଷାଙ୍କ ସହ ଭୁବନେଶ୍ୱର ନାଏକ, ମଙ୍ଗଳା ପ୍ରସାଦ ବର୍ଗେ, ଈଶ୍ୱର ଚନ୍ଦ୍ର ସାହୁ, ଗୁପ୍ତେଶ୍ୱର କୁମ୍ଭାର ଓ ପାରେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ ଶିଶୁ ଉତ୍ସବ

**ବଙ୍ଗୋମୁଣ୍ଡା, ୨୦।୧୨(ସମିସ):** ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ ସତ୍ୟ ମହିମା ସଂସ୍କୃତ ବିଦ୍ୟାପୀଠ ଖଇଁରା ସ୍କୁଲରେ ବ୍ଲକସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ କଣ୍ଟାବାଞ୍ଜି ବିଧାୟକଙ୍କ ନମିନି ପୁରନ ବାଗ, ମୁଖ୍ୟବକ୍ତା ଭାବରେ ଜିଲ୍ଲା ସମ୍ପାଦକ ବଲାଙ୍ଗିର ଓଷ୍ଟା କୁଶଧ୍ୱଜ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ତୁରେକେଲା ସରପଞ୍ଚ ସଂଘ ସଭାପତି ଜଳନ୍ଧର ମହାକୁଡ, ଜିଲ୍ଲା କାର୍ଯ୍ୟକାରି ସଭାପତି ବଲାଙ୍ଗିର ଓଷ୍ଟା ପ୍ରଦୀପ ପୁଟେଲ, ଜିଲ୍ଲା ଯୁଗ୍ମ ସମ୍ପାଦକ ବଲାଙ୍ଗିର ଓଷ୍ଟା ଅନିଲ କୁମାର ସାହୁ, ରାଜ୍ୟ ଉପସଭାପତି ଓଷ୍ଟା କଟକ ସୁଧିର କୁମାର ନାଏକ, ଜିଲ୍ଲା ସଂଯୋଜକ ସମ୍ପାଦକ ବଲାଙ୍ଗିର ଓଷ୍ଟା ଲୋକନାଥ ମେହେର, ନାରାୟଣ ମିଶ୍ର ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଶିଶୁ ଉତ୍ସବ କାର୍ଯ୍ୟକ୍ରମ ବଙ୍ଗୋମୁଣ୍ଡା ମାଧମିକ ବିଦ୍ୟାଳୟ ଶିକ୍ଷକ ସଂଘ ସଭାପତି ଅରୁଣ କୁମାର ବାରିକଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିବା ବେଳେ ମାଧମିକ ବିଦ୍ୟାଳୟ ଶିକ୍ଷକ ସଂଘ ସମ୍ପାଦକ ରସାନନ୍ଦ ମହାପାତ୍ରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ସତ୍ୟ ମହିମା ସଂସ୍କୃତ ବିଦ୍ୟାପୀଠ ଖଇଁରା ସ୍କୁଲର ପ୍ରଧାନଶିକ୍ଷକ ଅକ୍ଷୟ କୁମାର ତ୍ୟାଗୀଙ୍କ ଆବାହକରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ଲକର ବିଭିନ୍ନ ସ୍କୁଲର ପ୍ରତିଭା ଛାତ୍ରଛାତ୍ରୀଙ୍କୁ ନେଇ ତର୍କ, ସଙ୍ଗୀତ, କବିତା ଆବୃତ୍ତି, ଡ୍ରଇଁ ଓ ଚିତ୍ରାଙ୍କନ, ଗଳ୍ପ ଲିଖନ, କବିତା ଲିଖନ, ଏକକ ଅଭିନୟ, ନୃତ୍ୟ, ସାଧାରଣଜ୍ଞାନ ପ୍ରତିଯୋଗିତା ଆଦି କରାଯାଇଥିଲା। ରେଣୁ ରଞ୍ଜନ ବାଗ, ସୁଧାକର ସାହୁ, ଘନଶ୍ୟାମ ମନହିରା ବିଚାରକ ଭାବେ ଯୋଗ ଦେଇଥିଲେ। ସମୀର ଜେନା ମଞ୍ଚ ପରିଚାଳନା କରିଥିଲେ।

# କେନ୍ଦ୍ରୀୟ ବିଦ୍ୟାଳୟରେ ଗ୍ରାଣ୍ଡ ପ୍ୟାରେଣ୍ଟସ୍ ଦିବସ

**ବୌଦ୍ଧ, ୨୦।୧୨(ସମିସ):** ବୌଦ୍ଧ କେନ୍ଦ୍ରୀୟ ବିଦ୍ୟାଳୟରେ ଗ୍ରାଣ୍ଡ ପ୍ୟାରେଣ୍ଟସ୍ ଦିବସ ପାଳିତ ହୋଇଛି। ଛାତ୍ରଛାତ୍ରୀ ଜେଜେ ବାପା, ମାଆଙ୍କ ପାଇଁ ସଙ୍ଗୀତ ପରିବେଷଣ କରିଥିଲେ। ସେହିଭଳି ସମ୍ବଲପୁରୀ, ଓଡିଶୀ ନୃତ୍ୟ, ଯୋଗ ଏବଂ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜେଜେ ବାପା ଓ ଜେଜେ ମାଙ୍କୁ ସମ୍ମାନ ଦେବା, ସେମାନଙ୍କୁ ତୃତୀୟ ପିଢି ସହିତ ଯୋଡିବା, ନାତି ନାତୁଣୀଙ୍କ ପ୍ରତି ପ୍ରେମର ଏକ ସୁନ୍ଦର ଅଭିବ୍ୟକ୍ତି ଭାବରେ ଏହା ପାଳନ କରାଯାଏ ବୋଲି ଅଧ୍ୟକ୍ଷ ସନକ ମେହେର ଅଭିବ୍ୟକ୍ତି ରଖିଥିଲେ। ମୁଖ୍ୟ ଅତିଥି ଶିରିଷ ପୁରୋହିତ ଯୋଗଦେଇ ଜେଜେ ବାପା, ମାଆଙ୍କୁ ପରିବାରର ଅଭିଭାବକ ଭାବେ ବର୍ଣ୍ଣନା କରି ସମାଜରେ ସେମାନଙ୍କର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଶେଷରେ ଜେଜେ ବାପା, ମାଆଙ୍କୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରିଶେଷରେ ଶିକ୍ଷକ ଯତୀନ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଶାସନର ମନମାନିରୁ ହଇରାଣ ହେଲେ ଭିନ୍ନକ୍ଷମ

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ସ୍ଥଗିତ

**ବଲାଙ୍ଗିର/ଲୋଇସିଂହା, ୨୦।୧୨(ସମିସ)**

ଭିନ୍ନକ୍ଷମଙ୍କ ଉଦ୍ଦେଶ୍ୟରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଶୁକ୍ରବାର ହେବାର ଥିଲା। ଏନେଇ ସମସ୍ତ ପ୍ରସ୍ତୁତି ସରିଯାଇଥିବା ବେଳେ ହଠାତ ଶିବିରକୁ ଅନିର୍ଦ୍ଦିଷ୍ଟ ସମୟ ପାଇଁ ସ୍ଥଗିତ ରଖାଯାଇଥିବା ଜଣାପଡ଼ିଛି। ସ୍ଥଗିତ

### ବ୍ଲକ୍‌କୁ ଆସି ଫେରିଲେ ଭିନ୍ନକ୍ଷମ

ରଖାଯାଇଥିଲେ ହେଁ ଭିନ୍ନକ୍ଷମଙ୍କୁ ଏ ସମ୍ପର୍କରେ ସୂଚନା ଦିଆଯାଇନଥିବାରୁ ସେମାନେ ବ୍ଲକକୁ ଆସି ନିରାଶ ହୋଇ ଫେରିଯାଇଛନ୍ତି। କୁଆଡେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀଙ୍କ ସମୟ ନଥିବାରୁ ଶିବିରକୁ ସ୍ଥଗିତ ରଖାଯାଇଥିବା ଆଲୋଚନା ହେଉଛି।

ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ଲୋଇସିଂହା ବ୍ଲକରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ଶୁକ୍ରବାର ଅୟୋଜନ କରାଯିବା ପାଇଁ ସ୍ଥିର ହୋଇଥିଲା। ଲୋଇସିଂହା ପଞ୍ଚାୟତ ସମିତି ଚିଠି ନଂ ୨୮୩୯ ତାରିଖ ୧୨.୧୨.୨୦୨୪ ରେ ଶିବିର ୨୦ ତାରିଖ ଶୁକ୍ରବାର ଦିନ ଆୟୋଜନ କରିବାକୁ ସ୍ଥିର କରାଯାଇଥିଲା। ଏ ସମ୍ପର୍କରେ ଗାଁ ମାନଙ୍କରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରଚାର କରାଯାଇଥିଲା। ସମସ୍ତ ସ୍ଥାନୀୟ ଜନପ୍ରତିନିଧି, ଗଣମାଧ୍ୟମକୁ ମଧ୍ୟ ପ୍ରଚାର ପ୍ରସାର ପାଇଁ ସୂଚନା ଦିଆଯାଇଥିଲା। ଶୁକ୍ରବାର କାର୍ଯ୍ୟକ୍ରମ ଥିବାରୁ ଗତ ଦୁଇ ଦିନ ହେଲା ବ୍ଲକ ପରିସରରେ ପ୍ରସ୍ତୁତି ମଧ୍ୟ ଜୋରସୋରରେ ଚାଲିଥିଲା। କିନ୍ତୁ ଶେଷ ମୁହୂର୍ତ୍ତରେ ଶିବିରକୁ ସ୍ଥଗିତ କରାଯାଇଥିବା ଜଣାପଡ଼ିଛି। ଏନେଇ ଜିଲ୍ଲାପାଳ କାର୍ଯ୍ୟାଳୟ, ସମାଜିକ ସୁରକ୍ଷା ବିଭାଗ ଚିଠି ନଂ ୧୮୩୬ ତାରିଖ ୧୯.୧୨.୨୦୨୪ ରେ ଲୋଇସିଂହା ଓ ପୁଇଁନ୍ତଲା ବ୍ଲକରେ ହେବାକୁ ଥିବା ଉକ୍ତ କାର୍ଯ୍ୟକ୍ରମ ସ୍ଥଗିତ ରଖାଯାଇଥିବା ବେଳେ ପରବର୍ତ୍ତି ସମୟରେ ତାରିଖ ପୁଣି ଥରେ ଘୋଷଣା କରାଯିବ ବୋଲି ଦର୍ଶାଯାଇଛି। କିନ୍ତୁ ଏ ସମ୍ପର୍କରେ ଭିନ୍ନକ୍ଷମମାନଙ୍କୁ ସୂଚନା ଦିଆଯାଇନଥିବାରୁ ସେମାନେ ଲୋଇସିଂହା ବ୍ଲକ କାର୍ଯ୍ୟାଳୟକୁ ପହଞ୍ଚିଥିଲେ। କୌଣସି ପ୍ରକାର କାର୍ଯ୍ୟକ୍ରମ ନଥିବା ଦେଖି ବିଭାଗୀୟ ଅଧିକାରୀଙ୍କୁ ପଚାରିଥିଲେ। କିନ୍ତୁ ଆଜି କାର୍ଯ୍ୟକ୍ରମ ହେବ ନାହିଁ ବୋଲି କହି ତାଙ୍କୁ ଫେରାଇ ଦିଆଯାଇଥିବା ଜଣାପଡ଼ିଛି। ଏଠି ପ୍ରଶ୍ନ ଉଠୁଛି ସାତ ଦିନ ଧରି ଯେଉଁ କାର୍ଯ୍ୟକ୍ରମ ବିଷୟରେ ପ୍ରଚାର କରାଯାଇଥିଲା। ତାକୁ ହଠାତ୍ ସ୍ଥଗିତ କରାଯିବା କେତେ ଠିକ୍? ନେତାଙ୍କ ପାଖରେ ସମୟ ନଥିବାରୁ ଯଦି କାର୍ଯ୍ୟକ୍ରମକୁ ସ୍ଥଗିତ କରାଯାଇଥାଏ ତେବେ ଭିନ୍ନକ୍ଷମଙ୍କୁ ଏହାଠୁ ବଡ ଅସମ୍ମାନ ଆଉ କଣ ହୋଇପାରେ। ବିଜେପି ନେତାଙ୍କ ଅସଲ ମୁହଁ ଏଠାରୁ ଚିହ୍ନି ହେଉଛି ବୋଲି ଲୋଇସିଂହା ଅଞ୍ଚଳରେ ଆଲେଚନା ହେଉଛି।

# ସାମ୍ବାଦିକଙ୍କୁ ଧମକ; ଥାନାରେ ଅଭିଯୋଗ

**ବଲାଙ୍ଗିର /ପାଟଣାଗଡ଼, ୨୦।୧୨(ସମିସ):** ଖପ୍ରାଖୋଲ ବ୍ଲକ ଅଞ୍ଚଳର ଜଣେ ସାମ୍ବାଦିକଙ୍କୁ ସିଂଦେଓଙ୍କ ପିଏସ ନାମରେ ଧମକ ଚମକ କରୁଥିବା ଅଡିଓ ଭାଇରାଲ ହେବାରେ ଲାଗିଛି। ଏହି ଘଟଣାଟି ଭିନ୍ନ ମୋଡ଼ ନେବାରେ ଲାଗିଛି। ଖପ୍ରାଖୋଲ ବ୍ଲକ ଅଞ୍ଚଳର ସାମ୍ବାଦିକ ରୁପେନ୍ଦ୍ର ମୁଣ୍ଡା ଶୁକ୍ରବାର ଏହି ଘଟଣାକୁ ନେଇ ପ୍ରୀତମ



ପୁରୋହିତଙ୍କ ନାମରେ ପାଟଣାଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଶ୍ରୀ ମୁଣ୍ଡାଙ୍କ ଅଭିଯୋଗନୁସାରେ ପ୍ରିତମ ପୁରୋହିତ ନାମକ ଜଣେ ଯୁବକ ନିଜକୁ ବଲାଙ୍ଗିର ସାଂସଦ ସଙ୍ଗୀତା କୁମାରୀ ସିଂଦେଓଙ୍କ ପିଏସ କହି ତାଙ୍କୁ ଫୋନରେ ଧମକାଇଛନ୍ତି। ଓଡ଼ିଆପାଲି ପଞ୍ଚାୟତର ଇଓ ଆଶିଷ ପଣ୍ଡାଙ୍କୁ ଡାଟା ମାଗନ୍ତୁ ନାହିଁ, ସେ ନାହିଁ କହିଲେ ନାହିଁ, ଆପଣଙ୍କ ଅଧିକାର ନାହିଁ, ମୋ ପାଖକୁ କମ୍ପ୍ଲେନ ଆସିଛି ଆଗକୁ ଏଭଳି ନ ହେବା କଥା ବୋଲି ଶ୍ରୀ ପୁରୋହିତ ଧମକାଇଛନ୍ତି। ଏହି ଘଟଣାର ତଦନ୍ତ କରାଯାଇ ସୁରକ୍ଷା ପ୍ରଦାନ କରାଯାଉ ବୋଲି ପାଟଣାଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଜଣେ କର୍ତ୍ତବ୍ୟରତ ସାମ୍ବାଦିକଙ୍କୁ ଏଭଳି ଧମକ ଘଟଣାକୁ ନେଇ ସାମ୍ବାଦିକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ଘଟଣାରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଚେତ ଆଗାମୀ ଦିନରେ ଥାନା ଘେରଉ କରାଯିବ ବୋଲି ପ୍ରେସ କ୍ଲବ୍ ଉପ ସଭାପତି ଜପିନ୍ଦ୍ର ସୁନା ସୂଚନା ଦେଇଛନ୍ତି।

# ଭୂମିକାର ସ୍ୱନକ୍ଷତ୍ର ଦିବସ ଓ କର୍ମକର୍ତ୍ତା ଚୟନ

**ବଲାଙ୍ଗିର, ୨୦।୧୨(ସମିସ):** ସାମାଜିକ ସାଂସ୍କୃତିକ ଅନୁଷ୍ଠାନ ଭୂମିକାର ବାର୍ଷିକ ସାଧାରଣ ବୈଠକ ବୌଦ୍ଧ ଜିଲ୍ଲା ଜହ୍ନାପଙ୍କ ନିକଟସ୍ଥ ଚାରିଶମ୍ଭୁ ଠାରେ ଅନୁଷ୍ଠିତ ହୋଯାଇଅଛି। ଭୂମିକାର ସଭାପତି ଅଶୋକ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ବୈଠକରେ ଗତ ବର୍ଷର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା ଓ ଆଗାମୀ ଦିନ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ନିଷ୍ପତ୍ତି ନିଆଯାଇଛି। ସେହିପରି ଚିରାଚରିତ କାର୍ଯ୍ୟକ୍ରମ ଯେପରି ସ୍ୱଟ୍ ପେଣ୍ଟିଂ ବିସୁବୋତ୍ସବ ବାର୍ଷିକ ନାଟକ ସଙ୍ଗେ ଏକ ନାଟ୍ୟକର୍ମଶାଳା ମଧ୍ୟ ଆୟୋଜନ କରାଯିବ। ଦ୍ୱିତୀୟ ପର୍ଯ୍ୟାୟରେରେ ଚଳିତ ବର୍ଷ ପାଇଁ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବରେ ବିରେନ୍ଦ୍ର କୁମାର ବଞ୍ଛୋର୍, ଉପ ସଭାପତି ଧର୍ମେନ୍ଦ୍ର ପ୍ରସାଦ ନନ୍ଦ, ସମ୍ପାଦକ ଜିତେନ୍ଦ୍ରିୟ ତ୍ରିପାଠୀ, ସହ ସମ୍ପାଦକ ସୋମ ନାଏକ, ସଂଯୋଜକ ସଞ୍ଜୀବ କୁମାର ମହାନ୍ତି ଓ ଜନସମ୍ପର୍କ ଅଧିକାରୀ ଭାବେ ବ୍ୟାସଦେବ ନନ୍ଦଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଛି। ଚାରି ଶମ୍ଭୁ ମନ୍ଦିରର ପୂଜକ ସୁକାନ୍ତ କୁମାର ପାଣଗ୍ରାହୀ ଅନ୍ନ ପ୍ରସାଦ ପ୍ରଦାନ ଓ ସହଯୋଗ କରିଥିଲେ। ସେହିପରି ପ୍ରଫେସର୍ ମଧୁସୂଦନ ପତି ଓ ନାଟ୍ୟ ଭୂଷଣ ଜଗଦାନନ୍ଦ ଛୁରିଆଙ୍କୁ ଉପଦେଷ୍ଟା ଭାବେ ରଖିବାକୁ ପ୍ରସ୍ତାବ ଗୃହିତ ହୋଇଥିଲା। ଶେଷରେ ଅର୍ଘ୍ୟ ଅର୍ପଣ ମିଶ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।

# କେନଝରିଆପାଲି ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ସୁବଲୟା, ୨୦।୧୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ କେନଝରିଆପାଲିସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବାବେଳେ ସମସ୍ତ ପ୍ରତିଯୋଗିତାରେ ଭାଗନେଇ ବରିଷ୍ଠ ବିଭାଗରେ ଛାତ୍ରୀ ପ୍ରିତୀମୟୀ ବେହେରା, ବରିଷ୍ଠ ବାଳକ ବିଭାଗରେ ଅନ୍ତର୍ଯ୍ୟାମୀ ସେଠୀ ଚାମ୍ପିଅନ ହୋଇଥିଲେ। ପ୍ରତିଯୋଗିତା ପରେ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ନବୀନ ସୁନ୍ଦର ଜଗଦଳା ସଭାପତିତ୍ୱ କରିଥିଲେ। ବିଦ୍ୟାଳୟର ଶାରୀରିକ ଶିକ୍ଷକ ଇନ୍ଦ୍ରଜିତ ଦାସଙ୍କ ଦ୍ୱାରା ଛାତ୍ରଛାତ୍ରୀଙ୍କୁ ଶପଥ ପାଠ କରାଇଥିଲେ। ମୁଖ୍ୟଅତିଥି ଭାବରେ ଆଞ୍ଚଳିକ ଉଚ୍ଚ ବିଦ୍ୟପୀଠର ପ୍ରଧାନଶିକ୍ଷକ ବ୍ରଜମୋହନ ବାରିକ ଯୋଗଦେଇ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଶେଷରେ ବିଦ୍ୟାଳୟର ସହକାରୀ ଶିକ୍ଷକ ରାଜେଶ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସ୍କୁଲର ସମସ୍ତ କର୍ମଚାରୀ ତଥା ହରିଶଙ୍କର ରଣା, ଅଚ୍ୟୁତ୍ୟନନ୍ଦ ପାଣ୍ଡେ ଓ ସରୋଜ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ବିଜୁ ଯୁବ ଜନତା ଦଳର ସଦସ୍ୟ ସଂଗ୍ରହ ଅଭିଯାନ

**ଶଗଡ଼ା, ୨୦।୧୨(ସମିସ):** ବୌଦ୍ଧ ଜିଲ୍ଲା ବିଜୁ ଛାତ୍ର ଜନତା ଦଳ ପକ୍ଷରୁ କଣ୍ଟାମାଳ ନିର୍ବାଚନ ମଣ୍ଡଳୀ ଅଧୀନ କଣ୍ଟାମାଳସ୍ଥିତ ପଞ୍ଚାୟତ ମହାବିଦ୍ୟାଳୟ ଓ ଘଣ୍ଟପଡ଼ା ଆଞ୍ଚଳିକ ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟରେ ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ ହୋଇଛି। ଛାତ୍ର ବିଜେଡି ନେତା ଉଦିତ ପ୍ରତାପ ଭୋଇଙ୍କ ଅଧ୍ୟକ୍ଷତାରେ ଏହି ସଦସ୍ୟ ସଂଗ୍ରହ ଅଭିଯାନ ଆରମ୍ଭ ହୋଇଛି।

# ନର୍ସ କର୍ମଚାରୀଙ୍କୁ ଦୁଷ୍କର୍ମ ଅଭିଯୋଗ; କନେଷ୍ଟବଲ ଗିରଫ

**ନୂଆପଡ଼ା, ୨୦।୧୨(ସମିସ):** ନୂଆପଡ଼ା ଜିଲ୍ଲା ସଦର ମହକୁମାସ୍ଥିତ ଏକ ଘରୋଇ ହସ୍ପିଟାଲରେ କାର୍ଯ୍ୟରତ ଜଣେ ନର୍ସ କର୍ମଚାରୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ କରିବା ମାମଲାରେ ଜଣେ କନଷ୍ଟେବଲଙ୍କୁ ନୂଆପଡ଼ା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। କନଷ୍ଟେବଲ ଜଣକ ଖରିଆରରୋଡ୍ ଜୋନ୍‌ଙ୍କ ଥାନାରେ କାର୍ଯ୍ୟରତ ଧନଞ୍ଜୟ ସୁନା (୩୨)। ଏନେଇ ୨୪୬/୨୪ରେ ଦଫା ୩୭୬ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି। ସୂଚନାନୁଯାୟୀ, ଆଜିକୁ ଦୁଇ ବର୍ଷ ଧରି ଧନଞ୍ଜୟ ଉକ୍ତ ଯୁବତୀଙ୍କ ସହ ସମ୍ପର୍କ ରଖି ଆସିଥିଲେ। ବିବାହର ପ୍ରତିଶ୍ରୁତି ଦେଇ ଶେଷରେ ଅନ୍ୟ ଯୁବତୀ ସହ ବିବାହ କରିବାକୁ ଉଦ୍ୟମ କରୁଥିଲେ। ଠିକ୍ ଏତିକିବେଳେ ଉକ୍ତ ଯୁବତୀ ଜଣଙ୍କ ପୁଲିସର ସହାୟତା ନେଇଥିଲେ। ଜଣେ କନଷ୍ଟେବଲଙ୍କ ଏଭଳି କାରନାମା ଜିଲ୍ଲା ସଦର ମହକୁମାରେ ଘଟିଥିବାରୁ ଏନେଇ ଚର୍ଚ୍ଚା ସୃଷ୍ଟି ହେଉଛି।

# ମଣ୍ଡି ସ୍ଥିତି ଦେଖିଲେ, ସ୍ୱାସ୍ଥ୍ୟକେନ୍ଦ୍ରକୁ ଗଲେନି

## ସରକାରୀ କାର୍ଯ୍ୟକ୍ରମରେ ଆସି କର୍ମୀଙ୍କ ଘରେ ଖାଇଲେ ସ୍ୱାସ୍ଥ୍ୟମନ୍ତ୍ରୀ

**ନୂଆପଡ଼ା, ୨୦।୧୨(ସମିସ)**

ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ କୁମାର ମହାଲିଙ୍ଗ ଶୁକ୍ରବାର ଦିନିକିଆ ନୂଆପଡ଼ା ଜିଲ୍ଲା ଗସ୍ତରେ ଆସି ମଣ୍ଡି ଅଞ୍ଚଳ ବୁଲି ଦେଖିଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ ଜିଲ୍ଲା ଗସ୍ତରେ ଆସିଥିବା ବେଳେ ନୂଆପଡ଼ା ଭଳି ସ୍ୱାସ୍ଥ୍ୟକ୍ଷେତ୍ରରେ ଅବହେଳିତ ଜିଲ୍ଲାର ସମସ୍ୟା ଉପରେ କିଛିଟା ଦୃଷ୍ଟିଦେବେ ବୋଲି ଜିଲ୍ଲାବାସୀ ଚାହିଁ ବସିଥିଲେ। ହେଲେ କୌଣସି ସ୍ୱାସ୍ଥ୍ୟକେନ୍ଦ୍ରକୁ କ୍ଷଣିକ ପାଇଁ ସେ ଚାହିଁ ନଥିବା



ବେଳେ ସରକାରୀ କାର୍ଯ୍ୟକ୍ରମରେ ଆସି ଜଣେ ବିଜେପି କର୍ମୀଙ୍କ ଘରେ ଭୋଜନ କରିଥିଲେ।

ମନ୍ତ୍ରୀ ମହାଲିଙ୍ଗ ଗୁରୁବାର ସନ୍ଧ୍ୟାରେ କଳାହାଣ୍ଡିରୁ ସିନାପାଲି ଓ ବୋଡେନ ବ୍ଲକ ଦେଇ ନୂଆପଡ଼ାରେ ଆସି ପହଞ୍ଚିଥିଲେ। ରାତିରେ ସର୍କିଟ ହାଉସରେ ରହଣି ପରେ ଶୁକ୍ରବାର ସକାଳେ ମଣ୍ଡି ଗସ୍ତ କରିଥିଲେ। ପ୍ରଥମେ କୁରୁମପୁରୀ ମଣ୍ଡି ବୁଲି ଦେଖିବା ପରେ ବେଲଟୁକୁରୀ, ଡୁମେରପାଣି ଏବଂ ସାରାବଙ୍ଗ ମଣ୍ଡି ଗସ୍ତ କରିଥିଲେ। ମଣ୍ଡିଗୁଡ଼ିକରେ ଚାଷୀଙ୍କ ସହ ସିଧାସଳଖ ଧାନକିଣା ସମସ୍ୟା ନେଇ ଆଲୋଚନା କରିଥିଲେ। ନୂଆପଡ଼ା ଭଳି ଏକ ଉପାନ୍ତ ଜିଲ୍ଲା ସ୍ୱାସ୍ଥ୍ୟକ୍ଷେତ୍ରରେ ଅବହେଳିତ ହୋଇରହିଛି। ସ୍ୱାସ୍ଥ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ସମସ୍ୟା ବେହାଲ ହୋଇଥିବାରୁ ତାଙ୍କ ଗସ୍ତକୁ ଜିଲ୍ଲାବାସୀ ଜଗି ରହିଥିଲେ। ମନ୍ତ୍ରୀଙ୍କ ଗସ୍ତବେଳେ ଜିଲ୍ଲାପାଳ ମଧୁସୂଦନ ଦାଶ, ଅତିରିକ୍ତ ଜିଲ୍ଲାପାଳ ଭୀମସେନ ଶବର, ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଦ୍ୟୁମ୍ନ ରାଉତରାୟଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ସାମିଲ ଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ହିତେଶ କୁମାର ବଗର୍ତି, କଳାହାଣ୍ଡି ସାଂସଦଙ୍କ ପ୍ରତିନିଧି ପ୍ରେମ ଅଗ୍ରୱାଲ, ଖରିଆରରୋଡ୍ ଏନଏସି ଅଧ୍ୟକ୍ଷା ସୋନିଆ ଜୈନ, ଜିଲ୍ଲା ସଭାପତି ସୁବ୍ରତ ଠାକୁର, ପୂର୍ବତନ ସଭାପତି ଶିବପ୍ରସାଦ ମୁଣ୍ଡ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଯଦୁମଣି ପାଣିଗ୍ରାହୀ, ପ୍ରସନ୍ନ କୁମାର ପାଢ଼ୀ, ଜିଲ୍ଲା ସାଧାରଣ ସମ୍ପାଦକ କମଳେଶ ଦୀକ୍ଷିତ, ଗୋଲଡି ଅଗ୍ରୱାଲ, ହରିଶ୍ଚନ୍ଦ୍ର ପଣ୍ଡା ଓ ସଦାନନ୍ଦ ଯୋଶୀ ପ୍ରମୁଖ ସାମିଲ ଥିଲେ।

### ମେଡିକାଲ କଲେଜ ପାଇଁ ଦାବି



ନୂଆପଡ଼ା ଭଳି ଉପାନ୍ତ ଜିଲ୍ଲାରେ ସ୍ୱାସ୍ଥ୍ୟ ସମସ୍ୟା ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ଅଭାବ ସହ ଚିକିତ୍ସା ବ୍ୟବସ୍ଥା ନଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଏକ ମେଡିକାଲ କଲେଜର ମାନ୍ୟତା ଦେବା ସହ ହସ୍ପିଟାଲଗୁଡ଼ିକରେ ସମସ୍ତ ଡାକ୍ତର ପଦବୀ ପୂରଣ, ଟେକ୍ନିସିଆନ ବ୍ୟବସ୍ଥା ଖଡ଼ିଆଳର ମିସନ ଇଭାଞ୍ଜେଲିକାଲ ହସ୍ପିଟାଲରେ ଆୟୁଷ୍ମାନ ଯୋଜନାରେ ସାମିଲ କରିବା, ରାୟପୁରକୁ ରୋଗୀ ବାହନ ଲାଗି ୧୦୮ ଆମ୍ବୁଲାନ୍ସ ସେବା ଉପଲବ୍ଧ କରିବାକୁ ଆଦି ଦାବି କରାଯାଇଛି। ଜିଲ୍ଲା ସାମ୍ବାଦିକ ସଂଘ (ଜାନ୍) ତରଫରୁ ଏହାକୁ ନେଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସାରାବଙ୍ଗରେ ଜିଲ୍ଲା ସାଧାରଣ ସମ୍ପାଦକଙ୍କ ଘରେ ମନ୍ତ୍ରୀ ଶ୍ରୀ ମହାଲିଙ୍ଗଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯାଇଥିଲା। ଜାନ୍‌ର ସଭାପତି ଘନଶ୍ୟାମ ଭୋଇଙ୍କ ନେତୃତ୍ୱରେ ସମ୍ପାଦକ ରତନ କେତକୀ, କନଭେନର ଅଶ୍ୱିନୀ ପାଣିଗ୍ରାହୀ, ପୂର୍ବତନ ସଭାପତି ମାୟାଧର ସରାଫ, ରାଜ୍ୟ ସମ୍ପାଦକ କୁନୁ କରୁଆଁ, ପୁରୋହିତ ସୁନାନୀ ଓ ଚନ୍ଦ୍ରଶେଖର ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

# ଓମ୍‌ଭେଲି ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ଟିଟିଲାଗଡ଼, ୨୦।୧୨(ସମିସ):** ଓମଭେଲି ବିଦ୍ୟାଳୟରେ ଶୁଭାରମ୍ଭ ହୋଇଛି ବାର୍ଷିକ କ୍ରୀଡ଼ା ମହୋତ୍ସବ। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ସନ୍ତୋଷ ମହାନ୍ତି, ସମ୍ମାନିତ ଅତିଥି ଭାବେ ଟିଟିଲାଗଡ଼ ଉପଖଣ୍ଡ ଅତିରିକ୍ତ ଉପଜିଲ୍ଲାପାଳ ସନ୍ଦୀପ ଚନ୍ଦ୍ରାକର, ପୂର୍ବତନ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଅଧିକାରୀ ମେଜର ବୃନ୍ଦାବନ ଚନ୍ଦ୍ର ଷଡଙ୍ଗୀ, ଓମଭେଲି ବିଦ୍ୟାଳୟର ସଂସ୍ଥାପକ, ସଭାପତି ଲାୟନ ଦୀପକ କୁମାର ସାହୁ, ପରିଚାଳନା ସମିତି ସଭ୍ୟ ତଥା ବରିଷ୍ଠ ଆଇନଜୀବୀ ପ୍ରଦୀପ ମହାନ୍ତି, ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ମହେଶ୍ୱର ପ୍ରସାଦ ମିଶ୍ର ଏବଂ ମୁଖ୍ୟ ଉପଦେଷ୍ଟା ଡଃ ରବିନ ଚନ୍ଦ୍ର ପରମାଣିକ। ପ୍ରଦୀପ ପ୍ରଜ୍ୱଳନ ଏବଂ ଧ୍ୱଜା ଆରୋହଣ ପୂର୍ବକ ସମ୍ମାନିୟଅତିଥିଗଣ ବାର୍ଷିକ କ୍ରୀଡ଼ାର ଶୁଭ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗୀମାନଙ୍କ ଦ୍ୱାରା ମଶାଲ, ପରେଡ ପ୍ରଦର୍ଶନ ପରେ ଛାତ୍ରଛାତ୍ରୀ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ। ମୁଖ୍ୟ ଅତିଥି ଶିକ୍ଷାର୍ଥୀଙ୍କ ପାଇଁ କ୍ରୀଡାର ମହତ୍ତ୍ୱ ସମ୍ପର୍କରେ ଅବଗତ କରାଇଥିଲେ। କ୍ରୀଡ଼ାର ନିୟମ ଏବଂ ଖେଳୁଆଳ ମନୋଭାବ ସମ୍ପର୍କରେ ଅତିଥିମାନେ ମତ ପ୍ରଦାନ କରିଥିଲେ। ବିଦ୍ୟାଳୟର ପତାକା ଉତ୍ତୋଳନ ପୂର୍ବକ ମୁଖ୍ୟଅତିଥି ଦ୍ୱିଦିବସୀୟ କ୍ରୀଡ଼ାର ଶୁଭାରମ୍ଭ କରିଥଲେ। ପ୍ରତିଯୋଗୀଙ୍କ ଦ୍ୱାରା ଶପଥଗ୍ରହଣ ପରେ ବିଧିବଦ୍ଧ ଭାବରେ କ୍ରୀଡ଼ା ସମାରୋହର ଶୁଭାରମ୍ଭ ହୋଇଥିଲା।

# ମାରୱାଡ଼ି ଯୁବା ମଞ୍ଚ ପକ୍ଷରୁ ରକ୍ତଦାନ ଶିବିର

**କଣ୍ଟାବାଞ୍ଜି, ୨୦।୧୨(ସମିସ):** ଓଡ଼ିଶା ପ୍ରାନ୍ତିୟ ମାରୱାଡି ଯୁବା ମଞ୍ଚ ଡାକରରେ ଓଡ଼ିଶାର ପ୍ରତ୍ୟେକ ଶାଖା ପକ୍ଷରୁ ରକ୍ତଦାନ ଶିବିର ଆୟୋଜନ କରାଯାଉଛି। ଏହି ଅବସରରେ କଣ୍ଟାବାଞ୍ଜି ମାରୱାଡି ଯୁବା ମଞ୍ଚ ଓ ପ୍ରଗତି ଶାଖା ପକ୍ଷରୁ ରକ୍ତଦନ ଶିବିର ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଚିକିତ୍ସାଳୟର ବିଜୁ ପଟ୍ଟନାୟକ ରକ୍ତ ଭଣ୍ଡାର ଠାରେ ଅନୁଷ୍ଠିତ ଶିବିରକୁ ଅତିଥି ଭାବେ ବିଜେପି ଜିଲ୍ଲା ସଭାପତି ଶିବାଜୀ ମହାନ୍ତି, ନଗର ସଭାପତି ବେଦବ୍ୟାସ ନାଗ, ଅଗ୍ରୱାଲ ସଭା ଟ୍ରଷ୍ଟ ସଭାପତି କୈଳାସ



ଅଗ୍ରୱାଲ, ସମ୍ପାଦକ ସନ୍ତୋଷ ଅଗ୍ରୱାଲ ଯୋଗ ଦେଇ ଶିବିର ଉଦ୍‌ଘାଟନ କରିଥିଲେ। ଅନ୍ୟଅତିଥି ମଧ୍ୟରେ ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା, ପୂର୍ବତନ ବିଧାୟକ ଅୟୁବ ଖାଁ, ନଗରପାଳ ବରୀୟମ ସିଂ ସାଲୁଜା, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଅଜିତ ଯୋଶୀ, ସମାଜ ସେବୀ ସଞ୍ଜୟ ଗାନ୍ଧୀ, କୈଳାସ ଅଗ୍ରୱାଲ ଯୋଗ ଦେଇଥିଲେ। ଦିନ ୨ଘଣ୍ଟା ଯାଏ ୨୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଶିବିର ସଂଯୋଜକ ମୋହନ ସୋନି ଥିବା ବେଳେ ଯୁବା ମଞ୍ଚ ସଭାପତି ବିମଲ ଜୈନ, ସମ୍ପାଦକ ଚିରଗ ଅଗ୍ରୱାଲ, ସଦସ୍ୟ ନାରାୟଣ ଅଗ୍ରୱାଲ, ଧିରାଜ ଅଗ୍ରୱାଲ, ରୋହିତ ଲାଠ, ଆଶୁତୋଷ ଖେମକା, ଆରତୀ ମିତ୍ତଲ, ରୁଚି ଖଣ୍ଡବାଳ, ପୂଜା ଅଗ୍ରୱାଲ, ରେଣୁ ଅଗ୍ରୱାଲ, ଶଶୀ ଅଗ୍ରୱାଲ, ଆଞ୍ଜୁ ଅଗ୍ରୱାଲ, ମୋନା ଝରବଳୀୟ, ସପ୍ନା ଅଗ୍ରୱାଲ ପ୍ରମୁଖ ସଦସ୍ୟ ସଦସ୍ୟା ସହଯୋଗ କରିଥିଲେ। କଣ୍ଟାବାଞ୍ଜି ଚିକିତ୍ସାଳୟ ଇନଚାର୍ଜ ଡାକ୍ତର ରାକେଶ ପଣ୍ଡିତ ଓ ବ୍ଲଡ୍ ବ୍ୟାଙ୍କରୁ ସୁନିତା ଭୋଇ, ଶିବ ସାହୁ, ଦୁର୍ଗା ତାଣ୍ଡି, ପ୍ରଶାନ୍ତ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ସହିଦ ମାଧୋ ସିଂ କୃଷକ ସଂଗଠନ କର୍ମକର୍ତ୍ତାଙ୍କ ମଣ୍ଡି ପରିଦର୍ଶନ



- ପଦ୍ମପୁରରେ ଖୋଲା ଆକାଶ ତଳେ ଅଢ଼େଇ ଲକ୍ଷ ପ୍ୟାକେଟ ଧାନ ପଡ଼ିଛି
- ବସ୍ତାକୁ ଧାନ ଓଜନ ସହ ଯୋଡ଼ାଯାଉଥିବା ଚାଷୀଙ୍କ ଅଭିଯୋଗ
- ଜମି ତୁଳନାରେ ଟୋକନ କମ୍ ; ବହୁ ଚାଷୀଙ୍କୁ ଏପର୍ଯ୍ୟନ୍ତ ମିଳିନି

**ବରଗଡ଼, ୨୦।୧୨ (ସମିସ):** ସହିଦ ମାଧୋ ସିଂ କୃଷକ ସଂଗଠନର କର୍ମକର୍ତ୍ତାମାନେ ଛୁରିଆପାଲି, ତବଡ଼ା, ପଣ୍ଡାକିପାଲି, ଝରେ, ଘେଁସ ଆଦି ମଣ୍ଡି ପରିଦର୍ଶନ କରିଛନ୍ତି। ଗତବର୍ଷ ତୁଳନାରେ ଚଳିତବର୍ଷ ଚାଷୀମାନେ ସଫା ଶୁଖିଲା ଧାନ ମଣ୍ଡିକୁ ଆଣୁଛନ୍ତି, ହେଲେ ପ୍ରତ୍ୟେକ ମଣ୍ଡିରେ କ୍ୟୁଣ୍ଟାଲ ପ୍ରତି ଦୁଇ କେଜି ଧାନ କାଟୁଥିବା ଚାଷୀମାନେ ପ୍ରକାଶ କରୁଥିବା ବେଳେ ବିଭାଗୀୟ ଅଧିକାରୀମାନେ ଏଫଏକ୍ୟୁ ଧାନରେ କଟନି ହେଉନଥିବା ପ୍ରକାଶ କରିଛନ୍ତି। ପ୍ରାୟ ମଣ୍ଡିରେ ମଣ୍ଡି ହ୍ୟାଣ୍ଡଲିଂ ହେଉନାହିଁ। ଚାଷୀର ବସ୍ତାରେ ଚାଷୀ ଧାନ ଆଣୁଛନ୍ତି ଏବଂ ସେହି ବସ୍ତାରେ ମିଲକୁ ଧାନ ଯାଉଛି। ବସ୍ତାର ଓଜନକୁ ଧାନ ଓଜନ ସହିତ ଯୋଡ଼ି ଦିଆଯାଉଛି। ମଣ୍ଡିରୁ କିଛି ମିଲରଙ୍କ ଟାର୍ଗେଟ ଥାଇ ମଧ୍ୟ ଠିକ ହିସାବରେ ଧାନ ଉଠାଉ ନାହାନ୍ତି, ଯାହାଫଳରେ ଚାଷୀ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି। ଜମି ତୁଳନାରେ ଟୋକନ କମ ଆସିଛି, କିଛି ଚାଷୀଙ୍କ ଜାନୁଆରୀ, ଫେବୃଆରୀ ମାସରେ ଧାନ ବିକ୍ରି ଟୋକନ ଆସିଛି ଏବଂ ବହୁତ ଚାଷୀଙ୍କ ଏପର୍ଯ୍ୟନ୍ତ ଟୋକନ ଆସିନାହିଁ। ପାଣି ପାଗ ବିଭାଗ ପକ୍ଷରୁ ବର୍ଷା ପାଇଁ ସତର୍କ କରାଯାଇ ଥିବାରୁ ଚାଷୀମାନେ ଶୀଘ୍ର ଧାନ ଉଠେଇ ନେବା ପାଇଁ ଚେଷ୍ଟା କରୁଛନ୍ତି। ବର୍ତ୍ତମାନ ଖୋଲା ଆକାଶ ତଳେ ପଦ୍ମପୁର ଆରଏମସି ଅଧୀନରେ ଅଢ଼େଇ ଲକ୍ଷ ପ୍ୟାକେଟ ଧାନ ପଡ଼ିରହିଛି। ପରିଦର୍ଶନରେ ସଂଯୁକ୍ତ କୃଷକ ସଂଗଠନର ଉପଦେଷ୍ଟା ରମେଶ ମହାପାତ୍ର, ରାଜବୋଡ଼ାସମ୍ବର କୃଷକ ସଂଗଠନର ଲିଙ୍ଗରାଜ ପଧାନ, ମାଧୋ ସିଂ କୃଷକ ସଂଗଠନର ପ୍ରଭାତ ସାହୁ, ପ୍ରେମରାଜ ସାହୁ, ଅରକ୍ଷିତ ମହାକୁର, କ୍ଷୀରୋଦ୍ର ପଟେଲ, ଅରୁଣ ବାରିକ, ସୁଶାନ୍ତ ସାହୁ, ମହକି ଚୌହାନ, ମିନି ବାରିକ, ନିର୍ମଳ ପଟେଲ, ସଞ୍ଜୀବ ପଧାନ, ବାବଲୁ ପଧାନ, ଲକ୍ଷ୍ୟପତି ସାହୁ, ମୋହନ ଦୀପ, ସନମ ସାହୁ ପ୍ରମୁଖ ସାମିଲ ଥିଲେ।

## ମଣ୍ଡି ସମସ୍ୟା ପରେ ବର୍ଷା ଦାଉ ସାଧିଲା



**ବରଗଡ଼, ୨୦। ୧୨(ସମିସ):** ପିଛା ଛାଡୁନାହିଁ ବରଗଡ଼ ଜିଲ୍ଲା ଚାଷୀଙ୍କ ସମସ୍ୟା। କେତେବେଳେ ସରକାରଙ୍କ ଧାନବିକ୍ରି ବ୍ୟବସ୍ଥାରେ ଟୋକନ, କଟନି ଛଟନି ଓ ଆନାଲାଇଜର୍ ମେସିନ ତ କେତେବେଳେ ଅଦିନିଆଁ ବର୍ଷା ଭୟ। ବରଗଡ଼ ଜିଲ୍ଲାରେ ଧାନ ବିକ୍ରି ଆରମ୍ଭରୁ ଟୋକନ ଜନିତ ସମସ୍ୟା ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି। ଚାଷୀମାନେ ନଭେମ୍ବର ମାସରୁ ଧାନ ଅମଳ କରିସାରିଲେଣି, କିନ୍ତୁ ଜାନୁଆରୀ ମାସରେ ଧାନ ବିକ୍ରି ପାଇଁ ଟୋକନ ଆସିଛି। ମାସ ମାସ ଧରି ଖେତରେ ଶୋଇ ଧାନ ଜଗୁଛନ୍ତି ଚାଷୀ। ମେଘୁଆପାଗ ଚାଷୀଙ୍କ ମୁଣ୍ଡ ବ୍ୟଥାର କାରଣ ସାଜିଛି। ମୁଣ୍ଡଝାଳ ତୁଣ୍ଡରେ ମାରି ଦିନରାତି ପରିଶ୍ରମ କରି ଫସଲ ଉପାର୍ଜନ କରୁଥିବା ଚାଷୀ ବିକ୍ରି ବ୍ୟବସ୍ଥା ଠିକ ନଥିବା କାରଣରୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଚାଷୀ ଜଗି ବସିରହିଛି କେବେ ଆସିବ ଟୋକନ। ଟୋକନ ଆସିଲେ ଧାନ ବିକ୍ରିକରି ଧାର କରଜ ସୁଝି ପରିବାର ପୋଷଣ କରିବ। ଏମିତି ଅସୁବିଧାରେ ଆଜି ବରଗଡ଼ ଜିଲ୍ଲାର ଚାଷୀ ଭାଇମାନେ ଅଛନ୍ତି।

## ଟୁନୁ ପଣ୍ଡା ସ୍ମାରକୀ ରାଜ୍ୟସ୍ତରୀୟ ବ୍ୟାଡ଼ମିଣ୍ଟନ ଟୁର୍ଣ୍ଣାମେଣ୍ଟ

**ଅତାବିରା, ୨୦।୧୨(ସମିସ):** ସ୍ଥାନୀୟ ଇଣ୍ଡୋର ଷ୍ଟାଡିୟମରେ ଶୁକ୍ରବାରରୁ ତିନିଦିନିଆ ୧୩ ତମ ଟୁନୁ ପଣ୍ଡା ସ୍ମାରକୀ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଆୟୋଜକ ଅତାବିରା ଏଥେଲେଟିକ ଏସୋସିଏସନର ସଭାପତି ସିଦ୍ଧାର୍ଥ ଶଙ୍କର ପଣ୍ଡାଙ୍କ ସଭାପତିତ୍ୱରେ ସମ୍ପାଦକ ଜିତେନ୍ଦ୍ର ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦଘାଟନୀ ବୈଠକରେ ଏନ୍‌ଏସି ନିର୍ବାହୀ ଅଧିକାରୀ ଉମେଶ ଚନ୍ଦ୍ର ସାହୁ, ବିଦ୍ୟୁତ ବିଭାଗ ଏସଡିଓ ରବି ନାରାୟଣ ମହାନ୍ତି, ଥାନାଧିକାରୀ ସୁକୁମାର ତ୍ରିପାଠୀ, ଶିଶୁ ବିଶେଷଜ୍ଞ ଡ଼ା.ଶୋଭେନ୍ଦ୍ର ଦାଶ, ସାମାଜସେବୀ ଫକୀର କର୍ଣ୍ଣ, ପୁରୁଖା ବ୍ୟାଡମିଣ୍ଟନ ଖେଳାଳି ନବୀନ ଦାଶ, ସୟଦ କଡ଼କ୍ ଅଲ୍ଲୀ, ନାରୀନେତ୍ରୀ ସୁଜାତା ପଣ୍ଡା, ଟୁର୍ଣ୍ଣାମେଣ୍ଟର ପରିଚାଳନା ମୁଖ୍ୟ ପାର୍ଥସାରଥୀ ପଣ୍ଡା ଯୋଗ ଦେଇଥିଲେ।

## ପଦ୍ମପୁର କର୍ମକାଣ୍ଡୀୟ ସମିତିର ନୂତନ କର୍ମକର୍ତ୍ତା

ପଦ୍ମପୁର, ୨୦।୧୨(ସମିସ): ପଦ୍ମପୁର ରଜାପଡ଼ା ସ୍ଥିତ ହନୁମାନ ମନ୍ଦିର ପ୍ରାଙ୍ଗଣରେ ପଦ୍ମପୁର କର୍ମକାଣ୍ଡୀୟ ସମିତିର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସର୍ବସମ୍ମତି କ୍ରମେ ପଣ୍ଡିତ ଅତ୍ରାହୀ ଭଞ୍ଜନ ପାଣିଗ୍ରାହୀଙ୍କୁ ସଭାପତି, ପଣ୍ଡିତ ସରୋଜ ପାଣିଗ୍ରାହୀଙ୍କୁ ସଂପାଦକ, ପଣ୍ଡିତ ନୀଳମଣି ମିଶ୍ରଙ୍କୁ ଉପସଭାପତି ଓ ପୂର୍ଣ୍ଣଚନ୍ଦ୍ର ଷଡ଼ଙ୍ଗୀ ଓ ଯଦୁମଣି ଦାଶଙ୍କୁ କୋଷାଧ୍ୟକ୍ଷ ଭାବରେ ଚୟନ କରାଯାଇଛି। ସମିତିର ଉନ୍ନତି ପାଇଁ ବିଭିନ୍ନ ବିଷୟ ବସ୍ତୁ ଉପରେ ଆଲୋଚନା କରାଯାଇଥିଲା। ପୂର୍ବତନ ସଭାପତି ପଣ୍ଡିତ କାହ୍ନୁଚରଣ ଦାଶଙ୍କୁ ପୁଷ୍ପମାଲ୍ୟ ଦେଇ ଉପଦେଷ୍ଟା କମିଟିରେ ରଖାଯାଇଛି। ଉକ୍ତ ସଭାରେ ରଞ୍ଜନ ଦାଶ, ବିଷ୍ଣୁ ଦାଶ, ସନ୍ତୋଷ ମିଶ୍ର, ପ୍ରଦୀପ ରଥ, ଲିଙ୍ଗରାଜ ପଣ୍ଡା, ଗଣନାଥ ମହାପାତ୍ର, ପ୍ରହଲ୍ଲାଦ ଚାନ୍ଦ, ଅଶୋକ ମିଶ୍ର, ଜିତେନ୍ଦ୍ରୀୟ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଅଶ୍ଳୀଳ ବାର୍ତ୍ତା ଭାଇରାଲ ଘଟଣାରେ ପ୍ରାଧ୍ୟାପକ ନିଲମ୍ବିତ

ପଦ୍ମପୁର, ୨୦।୧୨ (ସମିସ): ଅଞ୍ଚଳ ମହାବିଦ୍ୟାଳୟରେ ବହୁଚର୍ଚ୍ଚିତ ପ୍ରାଧ୍ୟାପକଙ୍କ ହ୍ୱାଟ୍ସ ଆପ୍ ବାର୍ତ୍ତା ଭାଇରାଲ ମାମଲାରେ ତଦନ୍ତ କମିଟି ତାଙ୍କ ରିପୋର୍ଟ ଗଭର୍ଣ୍ଣିଂ ବଡିକୁ ଦେଇଥିଲେ। ଏହି ରିପୋର୍ଟ ଅନୁସାରେ ଆଜି ଅଭିଯୁକ୍ତ ପ୍ରାଧ୍ୟାପକ ବିରଞ୍ଚି ସାହୁଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି ବୋଲି ଅଞ୍ଚଳ ମହାବିଦ୍ୟାଳୟର ଅଧ୍ୟକ୍ଷ ଲଳିତ ମୋହନ ପଣ୍ଡା କହିଛନ୍ତି। ଏ ନେଇ ଅଧ୍ୟକ୍ଷ ପଣ୍ଡା ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳଙ୍କୁ ଲିଖିତ ଭାବରେ ଜଣାଇଥିବା କହିଛନ୍ତି।

## ଉନ୍ନୟନ କାମରେ ଯୋଗଦେଲେ ପଦ୍ମପୁର ବିଧାୟିକା



ପଦ୍ମପୁର, ୨୦।୧୨ (ସମିସ): ପଦ୍ମପୁର ଉପଖଣ୍ଡ ମେଲଛାମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ପଣ୍ଡିରପାଣି ଗାଁରେ ବିଧାୟିକା ବର୍ଷା ସିଂ ବରିହା ଓ ମେଲଛାମୁଣ୍ଡା ପଞ୍ଚାୟତ ସମିତି ସଭ୍ୟ ଠାକୁର ପ୍ରସାଦ ପଣ୍ଡା ବହୁ ସମର୍ଥକଙ୍କ ସହ ଯୋଗଦେଇଥିଲେ। ଲୋକଙ୍କ ସହ ବାର୍ତ୍ତାଳାପ ପରେ ବିଭିନ୍ନ ସମସ୍ୟା ଶୁଣିଥିଲେ। ଲୋକମାନେ ଗାଁ ସମସ୍ୟାର ସମାଧାନ ପାଇଁ ଅନୁରୋଧ କରିଥିଲେ। ତା'ର ସମାଧାନ ପାଇଁ ବିଧାୟିକା ପ୍ରତିଶ୍ରୁତି ଦେଇଥିଲେ।

## ପାଇକମାଳ ଉଚ୍ଚ ବିଦ୍ୟାଳୟରେ ଓଷ୍ଟା ଶିଶୁ ମେଳା

ପାଇକମାଳ, ୨୦।୧୨ (ସମିସ) : ପାଇକମାଳ ଉଚ୍ଚ ବିଦ୍ୟାଳୟରେ ଓଷ୍ଟା ଶିଶୁ ମେଳା ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଧଳେନ୍ଦ୍ର ବାରିକ ଓ ସମ୍ମାନିତ ଅତିଥି ଭାବରେ ଗୋକୁଳାନନ୍ଦ ଡନସନା, ନନ୍ଦଲାଲ ନାୟକ, ବରଗଡ଼ ଜିଲ୍ଲା ଓଷ୍ଟା ସଭାପତି ସତ୍ୟନାରାୟଣ ତ୍ରିପାଠୀ, ଭବାନୀ ଶଙ୍କର ଭୋଇ ଉପସ୍ଥିତ ଥିଲେ। ଉଦଯାପନୀ ଉତ୍ସବରେ ବ୍ଲକ ସଭାପତି ଆଶାକାନ୍ତ ରଣାଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତୀଯୋଗୀ ଆସନ୍ତା ୨୨ ତାରିଖ ଜିଲ୍ଲାସ୍ତରୀୟ ଉତ୍ସବରେ ଭାଗନେବେ ବୋଲି ଓଷ୍ଟା ପକ୍ଷରୁ କୁହାଯାଇଛି।

## ଝରାପାଲି ମାର୍କେଟର ଏସ୍‌ବିଆଇ ଏଟିଏମ୍ ଅଚଳ

ଥୁଆପାଲି, ୨୦।୧୨(ସମିସ): ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଝରାପାଲି ମାର୍କେଟ ଠାରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ଥିବା ଏଟିଏମ୍ ଦୀର୍ଘ ୧୫ ଦିନ ହେବ ଅଚଳ ହୋଇ ପଡ଼ିରହିଛି। ଅଭିଯୋଗ କଲେ ମଧ୍ୟ କୌଣସି ସମାଧାନ ହୋଇପାରୁନାହିଁ। ଏହି ଏଟିଏମ୍ ବନ୍ଦ ଥିବାରୁ ଜନସାଧାରଣ ନାନାପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି ବିଭାଗୀୟ ଅଧିକାରୀ ସାଧାରଣ ଲୋକଙ୍କ ଅସୁବିଧା ଦୂର କରିବା ପାଇଁ ଦାବି ହୋଇଛି।

● ବାପା, ମା' ଓ ଭଉଣୀକୁ ମାରିଦେବାକୁ ଧମକ

## ଅଭିଯୁକ୍ତକୁ ବାନ୍ଧିଲା ପୁଲିସ



**ଭେଡେନ, ୨୦।୧୨(ସମିସ):** ଭେଡେନ ଥାନା ଅନ୍ତର୍ଗତ ଥୁଆପାଲି ଗ୍ରାମର ଜିତେନ୍ଦ୍ର ଲୁହା(୩୩) ନିଜ ବାପା, ମା' ଓ ଭଉଣୀକୁ ଜୀବନରେ ମାରିଦେବାକୁ ଧମକ ଦେଇଥିବାରୁ ଭେଡେନ ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଘଟଣାରୁ ଜଣାପଡେ ଯେ, ଅଭିଯୁକ୍ତ ଜିତେନ୍ଦ୍ର ସବୁଦିନ ଘରକୁ ଆସି ବାପା ମା' ଓ ଭଉଣୀକୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଜୀବନରୁ ମାରିଦେବାକୁ ଧମକ ଦେଉଥିଲା। ଫଳରେ ଭଉଣୀ ରୁନୁ ଲୁହା ଭେଡେନ ଥାନାରେ ଏନେଇ ଅଭିଯୋଗ କରିଥିଲା। ଭେଡେନ ଥାନା ଅଧିକାରୀ ପ୍ରେମଜିତ ଦାଶ ଅଭିଯୋଗକୁ ଗୁରୁତ୍ୱ ଦେଇ ପୁଲିସ ଟିମ୍ ପଠାଇ ଅଭିଯୁକ୍ତ ଜିତେନ୍ଦ୍ର ଲୁହାକୁ ଥୁଆପାଲିରୁ ଗିରଫ କରିଥିଲେ। ଭେଡେନ ଥାନାରେ ଏନେଇ ଏକ ମାମଲା ରୁଜୁକରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି।

## ଶିକ୍ଷକ ତାଲିମ ଶିବିର ଉଦ୍‌ଯାପିତ



**ବରଗଡ଼, ୨୦।୧୨(ସମିସ):** କ୍ରିଷ୍ଟା ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବରଗଡ଼ରେ ଆଜି ପାଞ୍ଚଦିନିଆ ଇତିହାସ ଶିକ୍ଷକ ତାଲିମ ଶିବିର ଉଦଯାପିତ ହୋଇଛି ଓ କାର୍ଯ୍ୟକ୍ରମକୁ ମୂଳତଃ ଦୁଇଟି ଅଧିବେଶନରେ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ଶିକ୍ଷାନୁଷ୍ଠାନରୁ ବିଷୟ ବିଶେଷଜ୍ଞମାନେ ଯୋଗଦେଇ ଇତିହାସର ବିଭିନ୍ନ ବିଷୟ ଉପରେ ଆଲୋକପାତ କରିଥିଲେ। ଡକ୍ଟର ଏମ. ଡ଼ି ୟମିନ, ବିଭାଗ ମୁଖ୍ୟ, ଇତିହାସ ବିଭାଗ, ଖରିଆର ଅଟୋନୋମସ ମହାବିଦ୍ୟାଳୟ, ଇଣ୍ଡଷ୍ଟ୍ରିଆଲ ଏଣ୍ଡ ଫ୍ରେଞ୍ଚ୍ ରେଭୋଲ୍ୟୁସନ୍, ଡକ୍ଟର ଅତୁଲ୍ କୁମାର ପ୍ରଧାନ, ବିଭାଗ ମୁଖ୍ୟ, ଇତିହାସ ବିଭାଗ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ଡକ୍ଟର ସକିର ହୁସେନ, ଆସିଷ୍ଟାଣ୍ଟ ପ୍ରଫେସର, ଇତିହାସ ବିଭାଗ, ସରକାରୀ ମହାବିଦ୍ୟାଳୟ, ସୁନ୍ଦରଗଡ଼ ନିଜ ମତ ରଖିଥିଲେ। କ୍ରିଷ୍ଟା ବିକାଶ ଅନୁଷ୍ଠାନର ନିର୍ଦ୍ଦେଶକ ଡକ୍ଟର ସମରେନ୍ଦ୍ରନାଥ ପଣ୍ଡାଙ୍କ ପୃଷ୍ଠପୋଷକତାରେ ଦ୍ୱିତୀୟ ଅବେଶନରେ କ୍ରିଷ୍ଟା ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ନକୁଳ ସେଠ, ଅଧ୍ୟକ୍ଷ, ପଞ୍ଚାୟତ ମହାବିଦ୍ୟାଳୟ ଏବଂ ସମ୍ମାନିତ ଅତିଥି ଭାବରେ ଅଶ୍ୱିନୀ କୁମାର ନାୟକ, ଏଚ. ଆର୍ ହେଡ, କ୍ରିଷ୍ଟା ବିକାଶ ଅନୁଷ୍ଠାନ ଯୋଗଦେଇ କାର୍ଯ୍ୟକ୍ରମର ସଫଳତା ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ୪୦ଟି ମହାବିଦ୍ୟାଳୟରୁ ଅଂଶଗ୍ରହଣ କରିଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା।

■ ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା; ଆଖଡ଼ା ଶାଳରେ ବିଧାୟକ

## ଚାଲିଛି କଳାକାରଙ୍କ ଜୋରଦାର ଅଭ୍ୟାସ



**ବରଗଡ଼, ୨୦।୧୨(ସମିସ):** ସର୍ବବୃହତ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ଲାଗି ଜୋରଦାର ପ୍ରସ୍ତୁତି ଚାଲିଛି। ଏଥିପାଇଁ ସୋମବାର ଠାରୁ ବରଗଡ଼ କଲ୍ୟାଣ ମଣ୍ଡପ ଠାରେ କଳାକାରଙ୍କ ଆଖଡ଼ା ଅଭ୍ୟାସର ଶୁଭାରମ୍ଭ ହୋଇଛି। ଆଜି ଆଖଡ଼ା ଶାଳରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ପ୍ରସ୍ତୁତି ଦେଖିଥିଲେ। ମହାରାଜ କଂସଙ୍କ ସହ ନିଜେ ମଧ୍ୟ କିଛି ସମୟ ଅଭିନୟ କରିଥିଲେ। ସମସ୍ତ କଳାକାରଙ୍କ ଯାହା କିଛି ବି ଅସୁବିଧା ଅଛି, ସବୁକିଛି ଦୂର କରାଯିବ ବୋଲି କହିଥିଲେ। ସମସ୍ତ କଳାକାରଙ୍କ ଅଭିନୟ ଖୁବ୍ ଉଚ୍ଚକୋଟୀର ରହିଛି ଓ ଚଳିତବର୍ଷ ମୁଖ୍ୟମନ୍ତ୍ରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଆସିବେ ବୋଲି ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ କହିଥିଲେ। ଆଜି ଆଖଡ଼ା ଶାଳରେ ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ସୁରେଶ୍ୱର ଶତପଥୀ, ଉପଦେଷ୍ଟା କମିଟିର ନାଟ୍ୟ ନିର୍ଦ୍ଦେଶକ ଅଶୋକ ବେହେରା, ନକୁଳ ବାଦୀ, ଭୁବନ ଭୋଇ, ପ୍ରଶାନ୍ତ ମହାପାତ୍ର, କଂସ ଅଭିନେତା ଭୁବନେଶ୍ୱର ପ୍ରଧାନ, ପ୍ରଶାନ୍ତ କୁମାର ମହାପାତ୍ର, ବରିଷ୍ଠ ସାମ୍ବାଦିକ ପ୍ରଦୀପ ମହାନ୍ତିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଆଜିର ଆଖଡ଼ାରେ ସମସ୍ତ କଳାକାର ଅଭ୍ୟାସ କରିଥିଲେ। ତେବେ ଚଳିତବର୍ଷ ଧନୁଯାତ୍ରା ଆହୁରି ଆମୋଦ ଦାୟକ ନୂତନ ସଂଳାପରେ ଭରପୂର ରହିବ ବୋଲି କହିଛନ୍ତି ଧନୁଯାତ୍ରା କମିଟିର ଆବାହକ ସୁରେଶ୍ୱର ଶତପଥି।

● ଥୁଆପାଲି ଧନୁଯାତ୍ରା ମହୋତ୍ସବର ସପ୍ତମ ଦିବସ

## ଷଢ଼ମଲ୍ଲ ନିହତ ଖବର ପାଇ କଂସ ବିଚଳିତ

**ଥୁଆପାଲି, ୨୦।୧୨(ସମିସ):** ବରଗଡ଼ ଜିଲ୍ଲା ଥୁଆପାଲି ଧନୁଯାତ୍ରା ମହୋତ୍ସବର ସପ୍ତମ ଦିବସରେ ମହାରାଜ କଂସ ମଥୁରାନଗରୀ ପରିଭ୍ରମଣ କରିଥିଲେ ଓ ପ୍ରଜାଙ୍କ ସୁଖଦୁଃଖ ବୁଝିଥିଲେ। ଯେଉଁମାନେ ଶୃଙ୍ଖଳା ଭଙ୍ଗ କରୁଥିଲେ ଅର୍ଥଦଣ୍ଡ ଦେଇଥିଲେ। ରାଜ ଦରବାରରେ ଷଢ଼ମଲ୍ଲ ନିହତ ଖବର ପାଇ କଂସ ବିଚଳିତ ହୋଇଥିଲେ। ଏହାପରେ ମନ୍ତ୍ରୀ ପରିଷଦ ବୈଠକରେ ନାରଦଙ୍କ ପରାମର୍ଶ କ୍ରମେ ରାଣୀ ପଦ୍ମାବତୀ ଯଦି ଧନଶ୍ରୀ ଓଷା କରିବେ, କଂସ ମହାରାଜଙ୍କ ସମସ୍ତ କାର୍ଯ୍ୟ ସଫଳ ହେବ। ଉକ୍ତ ଓଷାରେ ୧ ଲକ୍ଷ ପଦ୍ମଫୁଲ ଲାଗିବ। ଉକ୍ତ ପଦ୍ମଫୁଲ କେବଳ ଗୋପପୁର କାଳନ୍ଦି ହ୍ରଦରେ ମିଳିବ। ପଦ୍ମଫୁଲ ଶ୍ରୀକୃଷ୍ଣ ଓ ବଳରାମ ତୋଳିବାକୁ ଯିବେ, ସେଠାରେ କାଳୀୟ ନାଗ ଶ୍ରୀକୃଷ୍ଣ ଓ ବଳରାମଙ୍କୁ ଦଂଶନ କରିବେ। ସେଠାରେ ଉଭୟଙ୍କ ମୃତ୍ୟୁ ସୁନିଶ୍ଚିତ। ପରେ ନନ୍ଦରାଜ ନିକଟକୁ କଂସ ଚିଟାଉ ପ୍ରେରଣ କରିଥିଲେ। ଆଜି ରାଜଦରବାରରେ କଂସ ମହାରାଜଙ୍କ ଆଦେଶ କ୍ରମେ ଭେଡେନ ମନୋହର ସାଂସ୍କୃତିକ ସଂସଦର ସଭାପତି ତଥା ଭାଷାବିତ୍ ଉପନ୍ନ କୁମାର ଭୋଇ, ସଂଯୁକ୍ତ କୃଷକ ସଙ୍ଗଠନର ଉପଦେଷ୍ଟା ରମେଶ ମହାପାତ୍ର ଓ ବିଶିଷ୍ଟ କବି ଲକ୍ଷ୍ମଣ ମଲ୍ଲିକ ଯୋଗଦେଇଥିଲେ।

## ଲରମ୍ବା କଲେଜର ବାର୍ଷିକ କ୍ରୀଡ଼ା ଉତ୍ସବ

**ଅତାବିରା, ୨୦।୧୨(ସମିସ):** ଅତାବିରା ବ୍ଲକ୍ ଲରମ୍ବା କଲେଜର ୫୦ ତମ ବାର୍ଷିକ କ୍ରୀଡ଼ା କଲେଜ ଖେଳ ପଡ଼ିଆଠାରେ ଅନୁଷ୍ଠିତ ହୋଇଛି। କଲେଜ ଅଧ୍ୟକ୍ଷ ଡଃ ପ୍ରମୋଦ ଭୋଇ ଏହାର ଶୁଭାରମ୍ଭ କରିଥିଲେ। ପ୍ରଥମେ ଗୋଡ଼ଭଗା ସ୍ଥିତ ମା' ସମଲେଇ ମନ୍ଦିରରୁ ଏକ ମଶାଲ ଶୋଭାଯାତ୍ରା ହୋଇଥିଲା। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇଥିଲା। ଉଦଯାପନୀ ଦିବସରେ ମୁଖ୍ୟ ଅତିଥି ପାର୍ବତୀଗିରି ମହିଳା ମହାବିଦ୍ୟାଳୟ ବରଗଡ଼ର ସେବାନିବୃତ୍ତ ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ ପଣ୍ଡା, ସମ୍ମାନିତ ଅତିଥି ଲରମ୍ବା ମହାବିଦ୍ୟାଳୟର ସେବା ନିବୃତ୍ତ ଅଧ୍ୟକ୍ଷ ଅଶୋକ ସାହୁ, ଧନେଶ୍ୱର ମେହେର, ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଅଧ୍ୟାପକ ରମଣୀ ରଞ୍ଜନ ସାହୁ, ବରିଷ୍ଠ ପ୍ରାଧ୍ୟାପକ ଡଃ ଦିଗମ୍ବର ଚାନ୍ଦ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଚଳିତ ବର୍ଷ ବରିଷ୍ଠ ବାଳକ ବିଭାଗରୁ ଶ୍ରୀତମ ଦେହେରୀ, ବାଳିକା ବିଭାଗରୁ ପ୍ରାଚୀ କର୍ଣ୍ଣ, କନିଷ୍ଠ ବାଳକ ବିଭାଗରୁ ମାନସ ରଞ୍ଜନ ସେଠ ଓ ବାଳିକା ବିଭାଗରୁ ମୌସୁମୀ ନାୟକ ଚାମ୍ପିଅନ ହୋଇଥିଲେ। ଚଳିତ ବର୍ଷ ବିଶିଷ୍ଟ କ୍ରୀଡାବିତ ଭାବରେ ବିନୟ ଶର୍ମାଙ୍କୁ ସମ୍ମାନିତ କରାଯାଇଥିଲା।



## ରାସ୍ତା ନବୀକରଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ



**ବରଗଡ଼, ୨୦।୧୨(ସମିସ):** ବରଗଡ଼ ସହରର ସୌନ୍ଦର୍ଯ୍ୟକରଣ ପାଇଁ ୩ କୋଟି ୨୬ ଲକ୍ଷ ଟଙ୍କା ବ୍ୟୟରେ ହେବାକୁ ଥିବା ସହରର ମୁଖ୍ୟ ରାସ୍ତାଗୁଡ଼ିକର ନବୀକରଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ। ବିଭାଗୀୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅରୁଣ ପାଣ୍ଡେ ଏହି ଅବସରରେ ଉପସ୍ଥିତ ଥିଲେ। ଦୀର୍ଘବର୍ଷରୁ ଦାବି ହୋଇଆସୁଥିବା ଏହି ପ୍ରକଳ୍ପ ଅଧୀନରେ ଏସ୍.ପି କାର୍ଯ୍ୟାଳୟ ଠାରୁ ପଞ୍ଚାୟତ ମହାବିଦ୍ୟାଳୟ, ଚେତନା ଡ୍ରେସେସ୍ ଠାରୁ ବାନ୍ଧୁଟିକ୍ରା, ଟେଲିଫୋନ୍ ଭବନଠାରୁ ଗୋବିନ୍ଦପାଲି, ଲେଙ୍ଗୁ ମିଶ୍ର ଛକଠାରୁ ପଞ୍ଚାୟତ ମହାବିଦ୍ୟାଳୟ ଓ ସୁଇପର୍ କଲୋନୀଠାରୁ ପୁରୁଣା ରିଜର୍ଭ ପୁଲିସ୍ କଲୋନୀ ରାସ୍ତାର ନବୀକରଣ ହେବା ସହ ଗମନାଗମନର ସୁବିଧା ଆହୁରି ସହଜ ହେବ ବୋଲି କହିଛନ୍ତି ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ। କାର୍ଯ୍ୟକ୍ରମରେ ବିଜେପି ଜିଲ୍ଲା ସଭାପତି ଡ଼ଃ ଅରୂପାନନ୍ଦ ସାହୁ, ବରଗଡ଼ର ପୂର୍ବତନ ନଗରପାଳ ପ୍ରଶାନ୍ତ ବେହେରା, ବରିଷ୍ଠ ବିଜେପି ନେତା ଅଶୋକ ପଣ୍ଡା, ଲକ୍ଷ୍ମୀ ହୋତା, ଅକ୍ରୁର ମଲ୍ଲିକ, ସୁବ୍ରତ ହୋତା ପ୍ରମୁଖ ଉପସ୍ଥିତ ଥିଲେ।

## ଆବାସିକ ଇଂରାଜୀ ସମୃଦ୍ଧି କାର୍ଯ୍ୟକ୍ରମ ଉଦ୍‌ଯାପିତ



**ବରଗଡ଼, ୨୦।୧୨(ସମିସ):** ଅଜୀମ ପ୍ରେମଜୀ ବିଶ୍ୱବିଦ୍ୟାଳୟ ଓ ରାଜ୍ୟ ଭାଷା ପ୍ରଶିକ୍ଷଣ କେନ୍ଦ୍ର, ଓଡ଼ିଶା, ଭୁବନେଶ୍ୱର ଆନୁକୂଲ୍ୟରେ ବରଗଡ଼, ବଲାଙ୍ଗିର, ଦେବଗଡ଼ ଓ ସୋନପୁର ଜିଲ୍ଲାର ଶିକ୍ଷକଙ୍କ ପାଞ୍ଚଦିନିଆ ଆବାସିକ ଇଂରାଜୀ ସମୃଦ୍ଧି ପାଠ୍ୟକ୍ରମ ବରଗଡ଼ ସିମେଣ୍ଟ ନଗର ନୋଡାଲ ଉଚ୍ଚ ବିଦ୍ୟାଳୟରେ ଉଦଯାପିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ବରଗଡ଼ ଜିଲ୍ଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଦେବଜୀବନ କର ଏବଂ ପେଡ଼ାଗୋଜୀ କୋଅର୍ଡିନେଟର ପୁଷ୍ପାଞ୍ଜଳି ଦାଶ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଚାରୋଟି ଜିଲ୍ଲାରୁ ୫୫ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ ଏବଂ ପ୍ରଶିକ୍ଷଣ ପ୍ରାପ୍ତ ମେଣ୍ଟର ଭାବରେ କୈଶ୍ ରସୁଲ ଖାନ୍, ସୁମନ୍ତ ରଥ, ସରୋଜ ସେଠ୍, ସୁଧୀର ଗଡ଼ତିଆ, କୁଳମଣି ଭୋଇ ଏବଂ ଭୋଳେଶ୍ୱର ପଧାନ ପ୍ରଶିକ୍ଷଣ ଦେଇଥିଲେ।

## ୭ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଲୁଟିନେଲେ ସାଇବର୍ ଠକ

**ଝାରସୁଗୁଡ଼ା, ୨୦।୧୨(ସମିସ):** ଝାରସୁଗୁଡ଼ା ଜିଲ୍ଲା ଓରିଏଣ୍ଟ ଥାନା ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ଆକାଉଣ୍ଟରୁ ସାଇବର ଲୁଟେରାମାନେ ୭ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଲୁଟିନେଇଥିବା ଥାନାରେ ଅଭିଯୋଗ ହୋଇଛି। ଓରିଏଣ୍ଟ ଥାନା ଅଧୀନ ମଣ୍ଡାଳିଆରେ ରହୁଥିବା ମନୋଜ ମିଶ୍ରଙ୍କ ଏସ୍‌ବିଆଇ ଇଭିନିଙ୍ଗ ଶାଖାରେ ଥିବା ଆକାଉଣ୍ଟରୁ ସାଇବର ଲୁଟେରାମାନେ ପ୍ରାୟ ୭ଲକ୍ଷ ୨୮ ହଜାର ଟଙ୍କା ଲୁଟି ନେଇଛନ୍ତି। ଗତ ୧୭ ତାରିଖ ଦିନ ମନୋଜ ପୂର୍ବାହ୍ନ ୧୧ଟାରେ ବ୍ୟାଙ୍କକୁ ଯାଇଥିଲେ। ସେଠାରୁ ଫେରି ଆସିବା ପରେ ଅପରାହ୍ଣ ୧୨ଟା ୫୪ରେ ତାଙ୍କ ଆକାଉଣ୍ଟରୁ ୪ଲକ୍ଷ ୫୦ହଜାର ଟଙ୍କା କଟି ଯାଇଥିବାନେଇ ମୋବାଇଲକୁ ମେସେଜ ଆସିଥିଲା। ପରେ ୫ ମିନିଟ ଛାଡ଼ି ପୁଣି ୨ଲକ୍ଷ ୫୦ହଜାର ଟଙ୍କା କଟିଥିବା ଆଉ ଏକ ମେସେଜ ଆସିଥିଲା। ସେହିଭଳି ପୁଣି ୫ମିନିଟ ପରେ ୨୦ ହଜାର ଟଙ୍କା ଏଟିଏମରୁ ଉଠାଯାଇଥିବା ଏବଂ ୮ ହଜାର ୯୦୦ ଟଙ୍କା ଏକ ସପିଙ୍ଗ ସାଇଟରେ ପେମେଣ୍ଟ ହୋଇଥିବା ମେସେଜ ଆସିଥିଲା। ମନୋଜ ଏନେଇ ବ୍ୟାଙ୍କରେ ଜଣାଇବା ସହି ସେ କୌଣସି ଓଟିପି କିମ୍ବା ଲିଙ୍କ୍ କାହାକୁ ଦେଇନଥିବା ଜଣାଇଥିଲେ। ଏହାସହ ଜିଲ୍ଲା ସାଇବାର ସେଲ ତଥା ଓରିଏଣ୍ଟ ଥାନାରେ ସେ ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

## ଦୁର୍ଘଟଣାରେ ହୋମଗାର୍ଡଙ୍କ ମୃତ୍ୟୁ

**ଝାରସୁଗୁଡ଼ା, ୨୦।୧୨(ସମିସ):** ନିୟନ୍ତ୍ରଣ ହରାଇ ବିଦ୍ୟୁତ୍ ଖୁଣ୍ଟରେ ବାଇକ୍ ପିଟିହୋଇଯିବାରୁ ଜଣେ ହୋମଗାର୍ଡଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଦୁବରାଜ ନାଏକ। ସେ ଝାରସୁଗୁଡ଼ା ଟାଉନ୍ ଥାନାରେ ହୋମଗାର୍ଡ ଭାବେ କାର୍ଯ୍ୟରତ ଥିଲେ। ସୂଚନାନୁସାରେ, ସଦର ଥାନା ଅଧୀନ ଲାହାଣ୍ଡାବୁଡ ଯାଇ ସେ ବାଇକ୍‌ରେ ଫେରୁଥିବା ବେଳେ ନିୟନ୍ତ୍ରଣ ହରାଇ ଏକ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେବା ପରେ ଯାଞ୍ଚ କରି ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଆସନ୍ତାକାଲି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମରଶରୀରକୁ ହସ୍ତାନ୍ତର କରାଯିବ ବୋଲି ପୁଲିସ ସୂଚନା ଦେଇଛି।

## ଆଶା ଦିଦିଙ୍କ ପରଲୋକ



**ଝାରସସୁଗୁଡା, ୨୦।୧୨(ସମିସ):** ରଘୁନାଥ ପାଲି ଗ୍ରାମର ଆଶା ଦିଦି ସାରଥୀ ଘାସିଙ୍କ ହୃଦ୍‌ଘାତରେ ଦେହାନ୍ତ ହୋଇଛି। ରଘୁନାଥପାଲି ଉପଖଣ୍ଡର ଆଶା ଦିଦି ସାରଥୀ ଘାସି ଗତ ରବିବାର ଦିନ କୋଲାବିରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଜଣେ ଗର୍ଭବତୀଙ୍କୁ ଚିକିତ୍ସା କରାଇବାକୁ ଆଣିଥିବା ବେଳେ ସେଠାରେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। କୋଲାବିରା ସ୍ୱାସ୍ଥ୍ୟକେନ୍ଦ୍ରରେ ନିଜର ଚିକିତ୍ସା କରାଇଥିଲେ। ଗ୍ୟାସ ଯୋଗୁଁ ଛାତି ଯନ୍ତ୍ରଣା ହେଉଥିବା କହି ଡାକ୍ତର ଔଷଧ ଦେଇଥିଲେ। ପରଦିନ ସୋମବାର ଦିନ ମଧ ତାଙ୍କ ଦେହ ଠିକ ହୋଇନଥିଲା। କିନ୍ତୁ ଅର୍ଥ ଅଭାବରୁ ସେହି ରଘୁନାଥପାଲି ଗ୍ରାମର ଏକ ବେସରକାରୀ କ୍ଲିନ୍‌କରୁ ଔଷଧ ଆଣି ଖାଇଥିଲେ। ପୁଣି ମଙ୍ଗଳବାର ଦିନ ଛାତିରେ ଯନ୍ତ୍ରଣା ବଢ଼ିବାରୁ ଝାରସୁଗୁଡା ସ୍ଥିତ ବେସରକାରୀ ଡାକ୍ତରଖାନା ସମଲେଶ୍ୱରୀକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ବରଗଡ଼ ବିକାଶ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ଅସ୍ତ୍ରପ୍ରଚାର କରାଯାଇଥିଲା କିନ୍ତୁ ସାରଥୀ ମୃତ୍ୟୁବରଣ କରିଥିଲେ।

## ଦୁର୍ଘଟଣାରେ ୨ ବାଇକ୍ ଆରୋହୀ ଗୁରୁତର

**ଦେବଗଡ଼/ରିଆମାଳ, ୨୦।୧୨(ସମିସ):** ରିଆମାଳ ଥାନା ଅଧୀନ ତେଲିମୁଣ୍ଡା-ରେଢ଼ାଖୋଲ ରାସ୍ତା କୁଡ଼ଝରଣ ଚାରା ଉତ୍ପାଦନ କେନ୍ଦ୍ର ନିକଟରେ ସନ୍ଧ୍ୟାରେ ଏକ ବୋଲେରୋ ଧକ୍କାରେ ଦୁଇ ବାଇକ୍‌ଆରୋହୀ ଗୁରୁତର ହୋଇଥିବା ଜଣାପଡ଼ିଛି। ତେଲିମୁଣ୍ଡା ଫୁରସନାଳି ଗ୍ରାମର ଅଶୋକ ସାହୁ ଓ ପ୍ରଶାନ୍ତ ଦେହୁରୀ ବାଇକରେ ପୁରୁମୁଣ୍ଡା ଗ୍ରାମକୁ ଯାଉଥିବା ସମୟରେ ବୋଲେରୋ ସେମାନଙ୍କୁ ଧକ୍କା ଦେଇ ଫେରାର ହୋଇଯାଉଥିଲା। ଦୁର୍ଘଟଣା ଘଟାଇ ଗାଡ଼ିଟି ଦ୍ରୁତଗତିରେ ଫେରାର ହେଉଥିବା ସୂଚନା ପାଇ ତାରଙ୍ଗ ଗ୍ରାମ ଛକ ନିକଟରେ ଗ୍ରାମବାସୀ ଗାଡ଼ିକୁ ଅଟକାଇ ଥିଲେ। ହେଲେ ଗାଡ଼ି ଛାଡ଼ି କୌଶଳ କ୍ରମେ ଚାଳକ ସେଠାରୁ ଫେରାର ହୋଇଯାଇଛି। ରିଆମାଳ ଥାନା ପୁଲିସ ଘଟଣାସ୍ଥଳରୁ ଦୁର୍ଘଟଣା ଘଟାଇଥିବା ବୋଲେରୋକୁ ଜବତ କରି ଥାନାକୁ ଆଣିଥିବା ବେଳେ ଆହତ ଦୁଇ ବାଇକଆରୋହୀ ଛତାବର ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି।

## ଗୁରାଣ୍ଡିଖୋଲ ଗ୍ରାମରେ ସ୍ୱାସ୍ଥ୍ୟ ଶିବିର



**ଦେବଗଡ଼, ୨୦।୧୨(ସମିସ):** ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବାରକୋଟ ବ୍ଲକ କଣ୍ଟାପାଲି ପିଏଚସି ଅଧୀନ ରମ୍ଭେଇ ପଞ୍ଚାୟତର ଦୁର୍ଗମ ଗୁରାଣ୍ଡିଖୋଲ ଗ୍ରାମରେ ଶୁକ୍ରବାର ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବାରକୋଟ ମେଡିକାଲର ଭାରପ୍ରାପ୍ତ ଅଧିକାରୀ ଡା. ବାବୁ ସିଂଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସ୍ୱାସ୍ଥ୍ୟ ଶିବିରରେ କଣ୍ଟାପାଲି ମେଡିକାଲର ଡା. ଚିତ୍ତରଞ୍ଜନ ପଢ଼ିଆରୀ, ଡା. ଦେବାଶିଷ ଗିରି, ଡା. କେଦାର ଧଳ ଓ ଡା. ସମ୍ବିତ ପ୍ରଧାନ ଗ୍ରାମବାସୀଙ୍କର ରକ୍ତଚାପ, ଶର୍କରା ଓ କର୍କଟ ରୋଗ ତଥା ବିଭିନ୍ନ ରୋଗର ପରୀକ୍ଷା କରାଯିବା ସହିତ ମାଗଣାରେ ଔଷଧ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ପୁରୁକୁଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରର ଏଏନଏମ ଲୀନା ମାଝୀ ଆଶାଦିଦି ଏବଂ ସ୍ୱାସ୍ଥ୍ୟକର୍ମୀମାନେ ସହଯୋଗ କରିଥିଲେ।

## ଟେଲିକମ ଉପଭୋକ୍ତା ସଚେତନତା କାର୍ଯ୍ୟକ୍ରମ

ଦେବଗଡ଼, ୨୦।୧୨(ସମିସ): ବାରକୋଟ ବ୍ଲକ ଗୋଳାବନ୍ଧ ପଞ୍ଚାୟତର ସମ୍ମିଳନୀ କକ୍ଷରେ ଟ୍ରାଇ ସହଯୋଗରେ ଟେଲିକମ ଉପଭୋକ୍ତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଟ୍ରାଇର ସୁଧାଂଶୁ ମୋହନ ଦାଶ, ପରିବର୍ତ୍ତନ ସଂସ୍ଥାର ସମ୍ପାଦକ ଶୁଭ୍ରାଂଶୁ ଭୂଷଣ ସ୍ୱାଇଁ, ବିଏସଏନଏଲର ଏସଡିଓ କଲ୍ୟାଣ ପଣ୍ଡା, ରିଲାଏନ୍ସ ଜିଓ କମ୍ପାନୀର ୱାସିମ ଅଲ୍ଲୀ ଯୋଗଦେଇ ଟ୍ରାଇର ଉପଭୋକ୍ତା ସଚେତନତା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଉତ୍ତମ ମାନର ଗୁଣାତ୍ମକ ସେବା କିପରି ଟେଲିକମ ସେବାପ୍ରଦାନକାରୀ ସଂସ୍ଥା ପ୍ରଦାନ କରିବେ ସେ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବହୁ ଟେଲିକମ ଉପଭୋକ୍ତା ଏବଂ ମହିଳା ଏସଏଚଜି ଗ୍ରୁପର ସଦସ୍ୟାମାନେ ଉପସ୍ଥିତ ଥିଲେ।

# ଦେବଗଡ଼ ଜିଲ୍ଲାରେ ଧାନମଣ୍ଡିର ଶୁଭାରମ୍ଭ

**ଦେବଗଡ଼, ୨୦।୧୨(ସମିସ):**



ଦେବଗଡ଼ ଜିଲ୍ଲାରେ ଚଳିତ ବର୍ଷର ଖରିଫ ବିପଣନ ଋତୁ ୨୦୨୪-୨୫ ଧାନ କିଣା ଶୁକ୍ରବାର ଆରମ୍ଭ ହୋଇଛି। ତିଳେଇବଣି ବ୍ଲକ କଂସର ପ୍ରାଥମିକ ସମବାୟ ସମିତି ପରିସରରେ ଧାନମଣ୍ଡିକୁ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଓ ଉପଜିଲ୍ଲାପାଳ ପରକ୍ଷିତ ସାହୁ ଯୋଗଦେଇ ଜିଲ୍ଲାର ପ୍ରଥମ ଧାନ ମଣ୍ଡିର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଜିଲ୍ଲା ଯୋଗାଣ ଅଧିକାରୀ ରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉପଜିଲ୍ଲାପାଳ ପରକ୍ଷିତ ସାହୁ, ବରଣ୍ୟ ଅତିଥି ଭାବେ ଉପନିବନ୍ଧକ ମୋନିକା ରାୟ, ଚାଷୀ ପ୍ରସନ୍ନ ଦେହୁରୀ, ରଞ୍ଜିତ ପଟେଲ, ଜିଲ୍ଲା ଧାନକ୍ରୟ କମିଟିର ସଦସ୍ୟ ତଥା ଜିଲ୍ଲା କୃଷକ ସଂଘ ସଭାପତି ପ୍ରମୋଦ ଝଙ୍କାର ଅତିଥି ଭାବେ ଯୋଗଦେଇ ଚାଷୀମାଙ୍କ ଧାନ କ୍ରୟ ଉପରେ ବିଭିନ୍ନ ସମସ୍ୟାର ଆଲୋକପାତ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ବରିଷ୍ଠ ସହକାରୀ ରେଜିଷ୍ଟ୍ରାର ଭବାନୀକାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଚଳିତ ବର୍ଷ ପ୍ରଥମ ପର୍ଯ୍ୟାୟରେ ୫ ଲକ୍ଷ ୭୦ ହଜାର ୩୦ କ୍ୱିଣ୍ଟାଲ

### ● ପ୍ରଥମ ଦିନରେ ଦେଢ଼ଶହ କ୍ୱିଣ୍ଟାଲ ଧାନ ବିକ୍ରି

ଧାନ କ୍ରୟ ପାଇଁ ଲକ୍ଷ ଧାର୍ଯ୍ୟ କରାଯାଇ ୪୯ଟି ମଣ୍ଡି ଖୋଲିବା ପାଇଁ ସ୍ଥିର ହୋଇଛି। ଜିଲ୍ଲାରେ ୧୯ ୬୭୨ ଚାଷୀ ପଞ୍ଜୀକରଣ କରିଛନ୍ତି। କଂସର ସମବାୟ ସମିତିରେ ୪୩୩ ଜଣ ଚାଷୀ ପଞ୍ଜିକୃତ କରିଛନ୍ତି। ଏଥି ମଧ୍ୟରୁ ଶୁକ୍ରବାର ପ୍ରଥମ ଦିନରେ ୨ ଜଣ ଚାଷୀ ମାନସ ପଟେଲ ଓ ଦୀପାଳି ପଟେଲ ୩୨୦ ବସ୍ତାରେ ୧୫୦ କ୍ୱିଣ୍ଟାଲ ଧାନ ବିକ୍ରି କରିଛନ୍ତି।

## ମାରୱାଡ଼ି ଯୁବମଞ୍ଚ ପକ୍ଷରୁ ରକ୍ତଦାନ ଶିବିର



### ● ୧୫୨ ୟୁନିଟ୍ ରକ୍ତ ସଂଗୃହୀତ

ଝାରସୁଗୁଡ଼ା, ୨୦।୧୨(ସମିସ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ମାରୱାଡ଼ି ଯୁବମଞ୍ଚ ପକ୍ଷରୁ ବେଲପାହାଡ଼ସ୍ଥିତ ରାଣୀ ସତୀଦାଦୀ ମନ୍ଦିର ପରିସରରେ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୧୫୨ ୟୁନିଟ୍ ରକ୍ତ ସଂଗ୍ରହ କରି ରକ୍ତଭଣ୍ଡାରକୁ ହସ୍ତାନ୍ତର କରାଯାଇଛି। ମୁଖ୍ୟଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ ରକ୍ତଦାନର ଆବଶ୍ୟକତା ଉପରେ ଆଲୋକପାତ କରିବାସହ ରକ୍ତଦାତାମାନଙ୍କୁ ପ୍ରମାଣପତ୍ର ଦେଇ ସମ୍ମାନିତ କରିଛନ୍ତି। ସମ୍ମାନିତ ଅତିଥି ଭାବେ ଉତ୍କଳ ପ୍ରାଦେଶିକ ଝାରସୁଗୁଡ଼ା ମାରୱାଡ଼ି ସମ୍ମେଳନର ଅଧକ୍ଷ ନୋବଲ ଅଗ୍ରୱାଲ, ବାଲାଜୀ ଇଞ୍ଜିକନ୍ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଅନୀଲ ଅଗ୍ରୱାଲ, ବେଲପାହାଡ଼ ଅଖିଳ ଭାରତୀୟ ମାରୱାଡ଼ି ମହିଳା ସମ୍ମେଳନର ଅଧକ୍ଷା ରୋସ୍ନି ଶେକସେରିଆ ପ୍ରମୁଖ ଉପସ୍ଥିତ ଥିଲେ। ଆୟୋଜକ ବେଲପାହାଡ଼ ମାରୱାଡ଼ି ଯୁବମଞ୍ଚର ସଭାପତି ମୁକେଶ ଅଗ୍ରୱାଲ, ସମ୍ପାଦକ ବିବେକ ଅଗ୍ରୱାଲ, ସଂଯୋଜକ ଅଙ୍କିତ ଅଗ୍ରୱାଲ, ସହସଂଯୋଜକ ଗୌରବ ଅଗ୍ରୱାଲଙ୍କ ସମେତ ବିକାଶ ଅଗ୍ରୱାଲ, ବିପ୍ଳବ ଅଗ୍ରୱାଲ, ନିରଜ୍ ପୋଦ୍ଦାର, ସୁଶିଲ ଅଗ୍ରୱାଲ, ସୁବାସ ରୁଙ୍ଗଟା, ରାଜକୁମାର ଅଗ୍ରୱାଲ, ରମେଶ ଧୱାଲିଆ, ରାମକୁମାର ଅଗ୍ରୱାଲ, ନେମିଚନ୍ଦ ଜୈନ୍ ମୁକେଶ ତାଏଲ୍, ରୋହିତ ଚୌକାନୀ ପ୍ରମୁଖ ଯୋଗଦେଇଥିଲେ।

## ୨୩ରୁ ସର୍ବଭାରତୀୟ ବାମଣ୍ଡା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ



ଦେବଗଡ଼, ୨୦।୧୨(ସମିସ): ବାମଣ୍ଡା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆସନ୍ତା ୨୩ ତାରିଖରୁ ୨୯ ତାରିଖ ପର୍ଯ୍ୟନ୍ତ ସପ୍ତାହ ବ୍ୟାପି ଆୟୋଜନ ହେବ। ଏନେଇ ଆଜି କ୍ଲବ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ସନ୍ଧ୍ୟାରେ ବସନ୍ତନିବାସରେ କ୍ଲବର ଉପ ସଭାପତି ଇଂ ସୁଜିତ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମିଳନୀରେ ଟୁର୍ଣ୍ଣାମେଣ୍ଟର ବିବରଣୀ ପ୍ରଦାନ କରିଥିଲେ। ଚଳିତ ବର୍ଷ ୮ଟି ଦଳକୁ ନେଇ ଟି-୨୦ ଫର୍ମାଟରେ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବ। ରାଞ୍ଚି ଓ ଧାନବାଦ ରାଜ୍ୟ ବାହାରର ଦୁଇଟି ଦଳକୁ ଟୁର୍ଣ୍ଣାମେଣ୍ଟରେ ସାମିଲ କରାଯାଇଛି। ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ଦଳକୁ ୫୦ ହଜାର ଓ ଉପବିଜେତା ଦଳକୁ ୩୫ ହଜାର ଟଙ୍କାର ପୁରସ୍କାର ରାଶି କ୍ଲବ ପକ୍ଷରୁ ଘୋଷଣା କରାଯାଇଛି। ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ୨୩ ତାରିଖ ଉଦ୍‌ଘାଟନୀ ମ୍ୟାଚ ଗ୍ରୁପ-ଏ'ର ସୁନ୍ଦରଗଡ଼ କ୍ରିକେଟ ଆସୋସିଏସନ ସହ କଟକର ୟୁନିୟନ ସ୍ପୋର୍ଟିଂ ମଧ୍ୟରେ ହେବ। ଦ୍ୱିତୀୟ ମ୍ୟାଚ ସମ୍ବଲପୁର ଜଗନ୍ନାଥ କଲୋନୀ କ୍ରିକେଟ କ୍ଲବ ଏବଂ ଖୋର୍ଦ୍ଧାରୋଡ୍ ଇଷ୍ଟକୋଷ୍ଟ ରେଲୱେ ମଧ୍ୟରେ ଅନୁଷ୍ଠିତ ହେବ। ସେହିପରି ୨୫ ତାରିଖ ଦିନ ପ୍ରଥମ ଓ ଦ୍ୱିତୀୟ ମ୍ୟାଚର ବିଜେତା ଦଳ ପ୍ରଥମ ସେମି ଫାଇନାଲ ମ୍ୟାଚ ଖେଳିବେ। ସେହିପରି ୨୬ ତାରିଖ ଦିନ ଗ୍ରୁପ-ବି' ର ପ୍ରଥମ ମ୍ୟାଚ ଆୟୋଜକ ବାମଣ୍ଡା କ୍ରିକେଟ କ୍ଲବ ସହ ସେରସା ରାଞ୍ଚି ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ବେଳେ ୨୭ ତାରିଖ ଦିନ କଟକ ଜୁଭେନାଇଲ କ୍ରିକେଟ କ୍ଲବ ସହ ଧନବାଦର ମେକନ ମଧ୍ୟରେ ଅନୁଷ୍ଠିତ ହେବ। ସେହିପରି ୨୯ ତାରିଖ ଦିନ ଫାଇନାଲ ମ୍ୟାଚ ପାଇଁ ଆୟୋଜକ ବାମଣ୍ଡା କ୍ରିକେଟ କ୍ଲବ ପ୍ରସ୍ତୁତି ସାରିଥିବା କ୍ଲବ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କ୍ଲବର ସମ୍ପାଦକ ସତ୍ୟନାରାୟଣ ପାଣି, କୋଷାଧକ୍ଷ ମୋତିଲାଲ ଶର୍ମା, ଉପଦେଷ୍ଟା ନବୀନ କୁମାର ପାଣି ଓ ବରିଷ୍ଠ ସଦସ୍ୟ ପ୍ରଭାତ କୁମାର ପ୍ରଧାନ ମଞ୍ଚାସିନ ଥିଲେ।

## ମନୋଜ ପାଢ଼ୀ ହାଇସ୍କୁଲର ବାର୍ଷିକ ଉତ୍ସବ

ଇବଥର୍ମାଲ, ୨୦।୧୨(ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ସରଣ୍ଡାମାଲ ପଞ୍ଚାୟତସ୍ଥିତ ମନୋଜପାଢ଼ୀ ହାଇସ୍କୁଲର ୨୮ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇଥିଲେ। ଛାତ୍ରଛାତ୍ରୀ ଆଧୁନିକ ଓ ବିକଶିତ ଭାରତର ବିନ୍ଧାଣି ହେବେ। ତତ୍ ସହିତ ସମାଜରେ ଭଲ ମଣିଷ ହେବାକୁ ହେଲେ ପିତୃଋଣ, ମାତୃଋଣ ଓ ଗୁରୁଋଣ ସୁଝିବା ଯେମିତି ଅସମ୍ଭବ ମାତୃଭୂମି ଋଣ ସୁଝିବା ମଧ କଷ୍ଟସାଧ୍ୟ। ଏଣୁ ଛାତ୍ରଛାତ୍ରୀ ଶ୍ରେଷ୍ଠତ୍ୱ ପ୍ରାପ୍ତି ସାଙ୍ଗକୁ ମାତୃଭୂମି ଋଣ ସୁଝିବାକୁ ବ୍ରତି ହୁଅନ୍ତୁ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଶ୍ରୀ ପୂଜାରୀଙ୍କ ସମେତ ସମ୍ମାନିତ ଅତିଥିଭାବେ ଲଖନପୁର କୋଇଲା କ୍ଷେତ୍ର ମହାପ୍ରବନ୍ଧକ ସଞ୍ଜୟ କୁମାର ଝା, ଜିଲ୍ଲା ଶିକ୍ଷାଧିକାରୀ ଡ.ରାଧାକାନ୍ତ ଗର୍ତିଆ, ସରଣ୍ଡାମାଲ ସରପଞ୍ଚ ଝରଣା ସେଠ୍ ପ୍ରମୁଖ ଯୋଗଦେଇଥିଲେ। ପରିଚାଳନା କମିଟି ସଭାପତି ରବୀନ୍ଦ୍ର ନାଥ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପ୍ରଧାନଶିକ୍ଷକ କେଶବ ସା ବିବରଣୀ ପ୍ରଦାନ କରିଥିଲେ। ମନ୍ତ୍ରୀ ଶ୍ରୀ ପୂଜାରୀ ବିଧାୟକ ପାଣ୍ଠିରୁ ସ୍କୁଲ ସକାଶେ ୧୦ଲକ୍ଷ ସହାୟତାରାଶି ଘୋଷଣା କରିବା ସହ ଏମସିଏଲ ଲଖନପୁର କୋଇଲା କ୍ଷେତ୍ର ପକ୍ଷରୁ ସ୍କୁଲର ଉନ୍ନୟନ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲାପରିଷଦ ଉପାଧକ୍ଷ ଅକ୍ଷୟ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ବିଇଓ ସଂଯୁକ୍ତା ପାଟଯୋଷୀ, ଲଖନପୁର ତୃତୀୟ ଜୋନ୍ ଜିଲ୍ଲାପରିଷଦ ସଭ୍ୟା ପୁଷ୍ପଲତା ସେଠ୍, ସମିତି ସଭ୍ୟ ରାଜେଶ୍ୱର ସିଂହ ପ୍ରମୁଖ ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷକ ପ୍ରସନ୍ନ କୁମାର ବିଶ୍ୱାଳ ମଞ୍ଚ ସଞ୍ଚାଳନ କରିଥିବା ବେଳେ ୟୁପି ସ୍କୁଲ୍ ପ୍ରଧାନଶିକ୍ଷକ ଜିତେନ୍ଦ୍ର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ଯୌତୁକ ପାଇଁ ନବବଧୂକୁ ହତ୍ୟା ଅଭିଯୋଗ; ସ୍ୱାମୀ, ଶାଶୂ ଓ ଶଶୁର ଗିରଫ



**ଦେବଗଡ଼, ୨୦।୧୨(ସମିସ):** ଦେବଗଡ଼ ଜିଲ୍ଲା କୁଣ୍ଢେଇଗୋଳା ଥାନା ଅନ୍ତର୍ଗତ ସେଣ୍ଢା ଗ୍ରାମରେ ଯୌତୁକ ପାଇଁ ନବବଧୂକୁ ହତ୍ୟା କରାଯାଇଥିବା ଅଭିଯୋଗରେ ପୁଲିସ ସ୍ୱାମୀ, ଶାଶୂ ଓ ଶଶୁରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। କୁଣ୍ଢେଇଗୋଳା ଥାନାରେ ଗୁରୁବାର ମୃତ ନବବଧୂର ବାପା ହତ୍ୟା ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ କୁଣ୍ଢେଇଗୋଳା ଥାନା ପୁଲିସ ବିଭିନ୍ନ ଦଫାରେ ମାମଲା ରୁଜୁକରି ଘଟଣାର ତଦନ୍ତ କରି ଶୁକ୍ରବାର ଅଭିଯୁକ୍ତ ସ୍ୱାମୀ, ଶାଶୂ ଓ ଶଶୁରକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ସମସ୍ତ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ମିଳିଥିବା ସୂଚନା ଅନୁଯାଇ ଅନୁଗୁଳ ଜିଲ୍ଲା ଜରପଡ଼ା ଥାନା ଅନ୍ତର୍ଗତ ଜରଡା ଗ୍ରାମର କ୍ଷୀରୋଦ ସାହୁଙ୍କ ଝିଅ ରୋଜାଲିନ ସାହୁ (୧୯) ଗତ ମଇ ମାସ ୯ ତାରିଖ ଦିନ କୁଣ୍ଢେଇଗୋଳା ଥାନା ଅନ୍ତର୍ଗତ ସେଣ୍ଢା ଗ୍ରାମର ଶିବନାରାୟଣ ସାହୁଙ୍କ ପୁଅ ଘନଶ୍ୟାମ ସାହୁଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ମାତ୍ର ବିବାହର କିଛି ଦିନ ପରେ ଶାଶୂ ଘର ପରିବାର ସ୍ୱାମୀ ଘନଶ୍ୟାମଙ୍କ ସହ ମିଶି ରୋଜାଲିନକୁ ବାପ ଘରୁ ଅଧିକ ୨ ଲକ୍ଷ ଟଙ୍କା ସହ ଅନ୍ୟାନ୍ୟ ସାମଗ୍ରୀ ଆଣିବାକୁ ଚାପ ପକାଉଥିଲେ। ରୋଜାଲିନ ଏଥିରେ ସହମତ ନ ହେବାରୁ ତାଙ୍କୁ ଶାଶୂ ଘର ପକ୍ଷରୁ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଥିଲା। ନିର୍ଯାତନାରେ ଅତିଷ୍ଠ ହୋଇ ରୋଜାଲିନ କିଛି ଦିନପାଇଁ ନିଜ ବାପ ଘରକୁ ଚାଲି ଯାଇଥିବା ବେଳେ ପରିବାର ଲୋକେ ବୁଝାସୁଝା କରି ପୁଣିଥରେ ସେଣ୍ଢାସ୍ଥିତ ସ୍ୱାମୀ ଘରକୁ ଆଣି ଛାଡି ଯାଇଥିଲେ। ଗୁରୁବାର ପୂର୍ବାହ୍ନରେ ରୋଜାଲିନଙ୍କ ଶାଶୂ ଘର ଲୋକ ରୋଜାଲିନଙ୍କ ବାପ ଘରକୁ ରୋଜାଲିନ ଗୁରୁତର ଥିବା ଏବଂ ଦେଖିବାକୁ ଛେଣ୍ଡିପଦା ଡାକ୍ତରଖାନାକୁ ଡାକିଥିଲେ। ରୋଜାଲିନଙ୍କ ପରିବାର ଛେଣ୍ଡିପଦା ଡାକ୍ତରଖାନାରେ ପହଞ୍ଚିବା ପରେ ସେଠାରେ ରୋଜାଲିନଙ୍କ ମୃତଦେହ ଦେଖିବାକୁ ପାଇଥିଲେ। ପରେ ରୋଜାଲିନକୁ ଶାଶୂ ଘର ଲୋକ ଅଧିକ ଯୌତୁକ ଦାବିରେ ତଣ୍ଟିଚିପି ହତ୍ୟା କରିଥିବା ନେଇ କୁଣ୍ଢେଇଗୋଳା ଥାନାରେ ମୃତ ରୋଜାଲିନଙ୍କ ବାପା କ୍ଷୀରୋଦ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ସ୍ୱାମୀ ଘନଶ୍ୟାମକୁ ଥାନାରେ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଥିବା ବେଳେ ଆଜି ସ୍ୱାମୀ, ଶାଶୂ ଶାନ୍ତି ଓ ଶଶୁର ଶିବନାରାୟଣକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

### ରାଜମାତା ଗୁଣବନ୍ତୀ ସ୍ମାରକୀ ଫୁଟବଲ୍

# ସେମିରେ ନାଗୁପତ୍ରା ଓ ରାଜମାତା ଗୁଣବନ୍ତୀ ଟିମ୍

**ଝାରସୁଗୁଡ଼ା/କୋଲାବିରା, ୨୦।୧୨(ସମିସ):**



ସହିଦ ବୀର କରୁଣାକର ସିଂହ ନାଏକ, ଭାଇ ଖଗ ନାଏକ ଓ ପୁତୁରା କହ୍ନେଇ ନାଏକଙ୍କ 'ଆତ୍ମୋତ୍ସର୍ଗ ଦିବସ' ଅବସରରେ ପ୍ରଥମ ରାଜମାତା ଗୁଣବନ୍ତୀ ସ୍ମାରକୀ ଫୁଟବଲ ପ୍ରତିଯୋଗିତା ସ୍ଥାନୀୟ କୋଲାବିରା ଖେଳପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମେ କୋଲାବିରା ରାଜବାଟିରୁ ମଶାଲ ଶୋଭାଯାତ୍ରା ପାରମ୍ପରିକ କିସାନ ନାଚଗୀତ, ଦୁଲଦୁଲି ବାଜାସହ ବାହାରି ବୀର କରୁଣାକର ସିଂହ ନାଏକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଖେଳପଡ଼ିଆକୁ ପହଞ୍ଚିଥିଲା। ଶୋଭାଯାତ୍ରାରେ ସହିଦ କରୁଣାକର ବାହିନୀ, ମୁରାଦିପାଲିର କିସାନ ନାଚଦଳ, କୋଲାବିରା ଦୁଲଦୁଲୀ ବାଜା, ପଞ୍ଚାୟତ ହାଇସ୍କୁଲ କୋଲାବିରା ଛାତ୍ରଛାତ୍ରୀ ତଥା ଅଞ୍ଚଳର ମହିଳାମାନଙ୍କ ସହିତ ଅବସରପ୍ରାପ୍ତ ଅନୁଶାସନ ସଚିବ ମହେନ୍ଦ୍ର ନାଏକ, ସମ୍ମିଳିତ ଆଦିବାସୀ ସମାଜ ଉପଦେଷ୍ଟା ପ୍ରଭାକର ଓରାମ, ପ୍ରମୁଖ ସଚିବ ଅଶୋକ ମାଝୀ, ଜମିଦାର ରୁଦ୍ରପ୍ରତାପ ସିଂହ, କାର୍ଯ୍ୟାଳୟ ସଚିବ ବିନୋଦ ବିହାରୀ ବାଗ, ଟ୍ରଷ୍ଟ ମହାସଚିବ ରାଜେଶ ନେଟୀ ଓ ସେବାଟ୍ରଷ୍ଟ ମହାସଚିବ ଧର୍ମେନ୍ଦ୍ର କିସାନ ପ୍ରମୁଖ ସାମିଲ ହୋଇଥିଲେ। ସହିଦ କରୁଣାକର ସିଂହ ନାଏକ, ଖଗ ନାଏକ ଓ କହ୍ନେଇ ନାଏକ ସ୍ମୃତି ଟ୍ରଷ୍ଟ ସହିତ ତିନୋଟି ସଂଗଠନର ମିଳିତ ଆନୁକୂଲ୍ୟରେ ପ୍ରଥମ ରାଜମାତା ଗୁଣବନ୍ତୀ ସ୍ମାରକୀ ଫୁଟବଲ ପ୍ରତିଯୋଗିତା ୧୬ଟି ଦଳକୁ ନେଇ ତିନି ଦିନ ଧରି ଚାଲିବ। ପ୍ରଥମ ଦିନ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଆଜି ଉଦ୍‌ଘାଟନୀ ଖେଳ ନାଗୁପତ୍ରା ସହିତ ଏନୱଇଏସ ବଢ଼େଇମୁଣ୍ଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଗୋଟିଏ ଗୋଲରେ ବିଜୟ ହୋଇ ପ୍ରଥମ ଦଳ ଭାବେ ନାଗୁପତ୍ରା, ଦ୍ୱିତୀୟ ଦଳ ବିଜିଲିଖମନ ସୁନ୍ଦରଗଡ଼, ତୃତୀୟ ଦଳ ରାଜମାତା ଗୁଣବନ୍ତୀ କୋଲାବିରା ଓ ଚତୁର୍ଥ ଦଳ ଭାବରେ ତ୍ରିରଙ୍ଗା କ୍ଲବ ବେଲପାହାଡ଼ କ୍ୱାଟର ଫାଇନାଲରେ ପହଞ୍ଚି ଥିଲେ। ପ୍ରଥମ କ୍ୱାଟର ଫାଇନାଲ ଖେଳ ନାଗୁପତ୍ରା ଓ ବିଜିଲିଖମନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ନାଗୁପତ୍ରା ଗୋଟିଏ ଗୋଲରେ ବିଜୟ ଲାଭ କରି ପ୍ରଥମ ଦଳ ଭାବେ ଦ୍ୱିତୀୟ ଦଳ ଭିତରେ ରାଜମାତା ଗୁଣବନ୍ତୀ ଫୁଟବଲ ଟିମ୍ ତ୍ରିରଙ୍ଗା କ୍ଲବ ବେଲପାହାଡ଼ ଟିମ୍‌କୁ ଫେନାଲଟି ଦ୍ୱାରା ୪.୨ ଗୋଲରେ ପରାସ୍ତ କରି ସେମିଫାଇନାଲକୁ ପହଞ୍ଚିଛନ୍ତି। ଆଜିର ଖେଳକୁ ମୁଖ୍ୟ ରେଫରୀ ରାଜେଶ ପଟେଲ ସହିତ କାର୍ତ୍ତିକ ଦାସ, ରାଜ ମଣ୍ଡଳ, ଚନ୍ଦ୍ର କିସାନ ଓ ଲକ୍ଷଣ କିସାନ ପ୍ରମୁଖ ପରିଚାଳନା କରିଥିଲେ।

## ଲଖନପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା




**ଝାରସୁଗୁଡ଼ା, ୨୦।୧୨(ସମିସ):** ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଲଖନପୁରର ତୃତୀୟ ବାର୍ଷିକ କ୍ରୀଡ଼ା ଉତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଅଧକ୍ଷ ସୁମନ୍ତ ହରିଜନଙ୍କ ସ୍ୱଭାପତିତ୍ୱରେ ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ବିଶିଷ୍ଟ ଶିକ୍ଷାବିତ ଚତୁର୍ଭୁଜ ସା ମୁଖ୍ୟଅତିଥି ଭାବରେ ଯୋଗଦେଇ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ଲଖନପୁର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଟିକେଶ୍ୱର ଜଗତ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ଶିକ୍ଷାବିତ କିଶୋର ଚନ୍ଦ୍ର ପ୍ରଧାନ, ସିଆରସିସି ଲଖନପୁର ଘନଶ୍ୟାମ ଗଡ଼ତିଆ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ପ୍ରତିଯୋଗିତାରେ ସମୁଦାୟ ୨୭୯ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅତିଥିମାନେ କ୍ରୀଡ଼ାର ମହତ୍ୱ ଓ ଆବଶ୍ୟକତା ତଥା ଏହାଦ୍ୱାରା ଶାରୀରିକ ଓ ମାନସିକ ବିକାଶ ଉପରେ ଆଲୋକପାତ କରିଥିଲେ। କ୍ରୀଡ଼ା ଉତ୍ସବରେ ଶିକ୍ଷକଶିକ୍ଷୟିତ୍ରୀ ଶିବାନୀ କୁମାରୀ ସ୍ୱାଇଁ, ରେଣୁକା ପ୍ରଧାନ, ରାହୁଲ ପ୍ରଧାନ, ଅଞ୍ଜନ ବେହେରା, ପ୍ରିୟଦର୍ଶିନୀ ଜେନା, ଅମରେଶ ପ୍ରଧାନ ଓ ଲତିକା ମାଝୀଙ୍କ ସମେତ ବିଦ୍ୟାଳୟର ଦୀପା କଉଡ଼ି, ଉମେଶ ଚନ୍ଦ୍ର ପଟେଲ, ମିନା ନାଏକ, ରବୀନ୍ଦ୍ର କାଲୋ, ଅଭିଭାବକ ବ୍ରଜମୋହନ କଲେତ ଓ ରମେଶ ଚନ୍ଦ୍ର ପିଙ୍ଗ ପ୍ରମୁଖ ସହଯୋଗ କରିଥିଲେ।

